RNI No.ODIODI/2010/33031
୧୦ମ ବର୍ଷ | Volume- 10
ସଂଖ୍ୟା- ୮୨ | Issue- 82
ଭୁବନେଶ୍ୱର, ବୁଧବାର ୦୫ ଜୁନ୍ ୨୦୧୯
Bhubaneswar, Wednesday 05 June 2019
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ଆକ୍ସନ୍ ମୁଡ୍‌ରେ ନବୀନ | ପ୍ରତି ମାସ ୭ରେ ରିପୋର୍ଟ ଦେବେ ମନ୍ତ୍ରୀ



ଭୁବନେଶ୍ୱର, ୪।୬ (ନି.ପ୍ର.): ପଞ୍ଚମ ଥର ସରକାର ଗଠନ ସହ ଆକ୍ସନ୍ ମୁଡ୍‌ରେ ରହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନୂଆ ସରକାରରେ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ନେତାଙ୍କୁ ସ୍କାନରରେ ରଖିବେ ନବୀନ। ପ୍ରତି ମନ୍ତ୍ରୀଙ୍କ ଉପରେ ନିଜେ ରଖିବେ ନଜର। ପ୍ରତି ମାସରେ ପ୍ରତି ମନ୍ତ୍ରୀଙ୍କ ବିଭାଗର ରିପୋର୍ଟ କାର୍ଡ ଦେଖିବେ ସେ। ମନ୍ତ୍ରୀମାନେ ନିଜ ବିଭାଗର କରିଥିବା ସମସ୍ତ କାର୍ଯ୍ୟର ଟିକିନିଖିବ ହିସାବ ତାଙ୍କ ନିକଟରେ ଦାଖଲ କରିବାକୁ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ସରକାର ଗଠନ ଆରମ୍ଭରୁ ହିଁ ସଶକ୍ତ ଓଡ଼ିଶା ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି ନବୀନ। ଏପରିକି ଗରିବୀ ଦୂର କରିବା, ମହିଳା ଓ ଶିଶୁ ବିକାଶ, ଯୁବକମାନଙ୍କ ସ୍ୱପ୍ନର ସଫଳ ରୂପାୟନ ଜରିଆରେ ସଶକ୍ତ ଓଡ଼ିଶା ଗଠନ ଉପରେ ଜୋର୍ ଦେଇଥିଲେ ନବୀନ। ତେଣୁ ଆଜି ଏ ନେଇ ନିଜର ସମସ୍ତ ମନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏଥିପାଇଁ ସରକାର ଗଠନ ପ୍ରଥମ ଦିନରେ ହିଁ ୫ଟି ଫର୍ମୁଲା ଉପରେ କାମ କରିବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ନବୀନ। ମନ୍ତ୍ରୀମାନେ ଏବେଠୁ ନିଜର ଶ୍ରେଷ୍ଠ ଉଦ୍ୟମ କରନ୍ତୁ ଯାହାଦ୍ୱାରା ୨୦୨୦ ମେ ୨୯ ସରକାର ଗଠନର ପ୍ରଥମ ବର୍ଷରେ ଇସ୍ତାହାର କାର୍ଯ୍ୟକାରୀ ଓ ଏହାର ସଫଳ ରୂପାୟନ ସଂପର୍କରେ ଆମେ ଲୋକଙ୍କୁ ଜଣାଇପାରିବୁ ବୋଲି କହିଛନ୍ତି ନବୀନ। ତେଣୁ ପ୍ରତି ମାସରେ ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟକୁ ସମୀକ୍ଷା କରାଯିବ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି।

## ମୃତ୍ୟୁଞ୍ଜୟ ମହାପାତ୍ର ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ



ନୂଆଦିଲ୍ଲୀ, ୪।୬: ପୂରା ଦେଶକୁ ପାଣିପାଗର ଟିକିନିକି ଖବର ଜଣାଇବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ର। କେତେବେଳେ ବାତ୍ୟା ହେବ, ମୌସୁମୀ କେବେ ଆସିବ, ପାଣିପାଗର ସ୍ଥିତି କ'ଣ ରହିବ ସେନେଇ ସୂଚନା ଦେବେ ମୃତ୍ୟୁଞ୍ଜୟ। କାରଣ ଭାରତୀୟ ପାଣିପାଗ ବିଭାଗର ନୂଆ ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି ମୃତ୍ୟୁଞ୍ଜୟ। ମୃତ୍ୟୁଞ୍ଜୟ ପୂର୍ବରୁ ଆଇଏମ୍‌ଡିର ବାତ୍ୟା ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଏବେ ତାଙ୍କୁ ଭାରତୀୟ ପାଣିପାଗ ବିଭାଗର ନୂଆ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଆସନ୍ତା ଅଗଷ୍ଟ ୧ ତାରିଖରୁ ମହାନିର୍ଦ୍ଦେଶକ ପଦର ଦାୟିତ୍ୱ ଗ୍ରହଣ କରିବେ ମୃତ୍ୟୁଞ୍ଜୟ। ପୂର୍ବରୁ ଅନେକ ବାତ୍ୟାର ସଠିକ୍ ଆକଳନ କରି ନିଜର ଦକ୍ଷତାର ପରିଚୟ ଦେଇଥିଲେ ମୃତ୍ୟୁଞ୍ଜୟ। ଏପରିକି କିଛି ଦିନ ପୂର୍ବେ ଯାଇଥିବା ବାତ୍ୟା ଫନିର ଗତିପଥ ଏବଂ ଏହାର ପ୍ରଭାବ ସଂପର୍କରେ ସଠିକ୍ ଆକଳନ କରି ହଜାର ହଜାର ଲୋକଙ୍କୁ ଆଗୁଆ ସତର୍କ ସୂଚନା ଦେଇଥିଲେ ସେ।

## ପ୍ରତାପ ଷଡଙ୍ଗୀଙ୍କ ଦାୟିତ୍ୱ ଗ୍ରହଣ



ନୂଆଦିଲ୍ଲୀ, ଭୁବନେଶ୍ୱର, ୪।୬: ବାଲେଶ୍ୱରର ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ମଙ୍ଗଳବାର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଉକ୍ତ ବିଭାଗର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବେ ନୀତିନ ଗଡକରୀ ମଧ ଆଜି ଦାୟିତ୍ୱ ଗ୍ରହର କରିଛନ୍ତି। ଉଭୟ ଶ୍ରୀ ଗଡକରୀ ଓ ଶ୍ରୀ ଷଡଙ୍ଗୀ ଏକା ସାଙ୍ଗରେ ଆସି ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ତ୍ରଣାଳୟର କାର୍ଯ୍ୟାଳୟ ଦାୟିତ୍ୱ ଗ୍ରହଣ କରିବରେ ଶ୍ରୀ ଷଡଙ୍ଗୀ କହିଥିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ନିଯୁକ୍ତି ସୃଷ୍ଟି ମାଧ୍ୟମରେ ଦେଶର ଅର୍ଥନୈତିକ ବିକାଶ କରିବା ଏବଂ ଏମ୍‌ଏସ୍‌ଏମ୍‌ଇ ହେଉଚି ଏକ ପ୍ରମୁଖ ମନ୍ତ୍ରଣାଳୟ ଯାହା କି ଦେଶରେ ନିଯୁକ୍ତି ତିଆରି କରିପାରିବ।

## ୧୦ କୁଖ୍ୟାତ ଆତଙ୍କବାଦୀଙ୍କ ତାଲିକା ପ୍ରସ୍ତୁତ କଲେ ଶାହା



ନୂଆଦିଲ୍ଲୀ, ୪।୬: କେନ୍ଦ୍ରରେ ଅମିତ ଶାହା ଗୃହମନ୍ତ୍ରୀଭାବେ ଶପଥ ନେବାପରେ ଜମ୍ମୁ ଓ କାଶ୍ମୀର ଆତଙ୍କବାଦୀମାନଙ୍କ ବିରୋଧରେ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହେବା ଆଶା କରାଯାଉଥିଲା। ଠିକ୍ ଏହିଭଳି ଯୋଜନାବଦ୍ଧଭାବେ କାମ ଆରମ୍ଭ କରିଦେଇଛନ୍ତି ଅମିତ ଶାହା। ମିଳିଥିବା ସୂଚନା ମୁତାବକ ସେ କାଶ୍ମୀର ଉପତ୍ୟାକା ପାଇଁ ଏକ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଛନ୍ତି। ଏଠାରେ ସକ୍ରିୟ ଥିବା ୧୦ ଜଣ ଟପ୍ ଆତଙ୍କବାଦୀ କମାଣ୍ଡରଙ୍କ ତାଲିକା ସେ ପ୍ରସ୍ତୁତ କରିଛନ୍ତି। ଏହି ତାଲିକାରେ ଥିବା ଆତଙ୍କବାଦୀମାନଙ୍କ ମଧ୍ୟରେ ଅଛନ୍ତି ହିଜବୁଲ ମୁଜାହିଦ୍ଦିନ ମୁଖ୍ୟ ରିଆଜ ନାଇକୋ, ଲସ୍କର-ଇ-ତୋଇବାର ଡିଷ୍ଟ୍ରିକ୍ଟ କମାଣ୍ଡର ୱାସିମ ଅହମ୍ମଦ ଓରଫ ଓସାମା ଓହିଜବୁଲର ଅସରଫ ମୌଲବୀ। ଏହି ତାଲିକାରେ ଥିବା ଆଉ କେତେକ ଆତଙ୍କବାଦୀ ହେଲେ ହିଜବୁଲର ମେହରାଜୁଦ୍ଦିନ, ଡଃ ସଇଫୁଲିଲା ମୀର, ହିଜବୁଲର ଅସ୍ରଫ ଉଲ ହକ, ଜୈସ-ଇ- ମହମ୍ମଦର ହାଫିଜ ଓମାର ଓ ଜାହିଦ ଶେଖ। ଏମାନଙ୍କୁ ଖୋଜି ଖୋଜି ନିପାତ କରାଯିବ। ଗତ ବର୍ଷ ମଧ୍ୟ ସେନା ପକ୍ଷରୁ କାଶ୍ମୀରର ଅନେକ ଆତଙ୍କୀ କମାଣ୍ଡରଙ୍କୁ ନିପାତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲା ବୁରହାନ ୱାନି।

## ଚଳିତ ନିର୍ବାଚନ ବିଶ୍ୱରେ ସବୁଠୁ ବ୍ୟୟବହୁଳ



ନୂଆଦିଲ୍ଲୀ, ୪।୬: ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନ ହେଉଛି ଏପର୍ଯ୍ୟନ୍ତ ହୋଇଥିବା ସବୁଠାରୁ ମହଙ୍ଗା ନିର୍ବାଚନ। ସମଗ୍ର ବିଶ୍ୱରେ ମଧ୍ୟ ଏହା ସବୁଠାରୁ ମହଙ୍ଗା ନିର୍ବାଚନ ବୋଲି ଅଟକଳ କରାଯାଇଛି। ସେଂଟର ଫର ମିଡିଆ ଷ୍ଟଡିଜ ନାମକ ସଂସ୍ଥା ପକ୍ଷରୁ କରାଯାଇଥିବା ଅଟକଳ ଅନୁସାରେ ଗତ ନିର୍ବାଚନରେ ପ୍ରାୟ ୬୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ଏହି ବ୍ୟୟ ସରକାରୀ ବ୍ୟୟ ଓ ବିଭିନ୍ନ ରାଜନୈତିକ ଦଳଙ୍କ ପକ୍ଷରୁ କରାଯାଇଥିବା ବ୍ୟୟ ଅନ୍ୟତମ। ଗତ ୨୦୧୪ ସାଧାରଣ ନିର୍ବାଚନରେ ଏହାର ଅଧା ଅର୍ଥାତ୍ ପ୍ରାୟ ୩୦ ହଜାର କୋଟି ବ୍ୟୟ ହୋଇଥିଲା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜେପି ଏହି ବ୍ୟୟର ପ୍ରାୟ ୪୫ ପ୍ରତିଶତ ଖର୍ଚ୍ଚ କରିଛି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଗତ ନିର୍ବାଚନରେ ପ୍ରତି ଲୋକସଭା ନିର୍ବାଚନ ମଣ୍ଡଳୀ ପିଛା ପ୍ରାୟ ୧୦୦ କୋଟି ବ୍ୟୟ ହୋଇଛି। ଅର୍ଥାତ୍ ପ୍ରତି ଭୋଟ ପାଇଁ ପ୍ରାୟ ୭୦୦ ଟଙ୍କା ବ୍ୟୟ ହୋଇଛି।

## ଆୟୁଷ୍ମାନ ଯୋଜନାରେ ସାମିଲ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ



ଭୁବନେଶ୍ୱର, ୪।୬ (ନି.ପ୍ର.): କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ସାମିଲ ହେବା ପାଇଁ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମଙ୍ଗଳବାର ଆୟୁଷ୍ମାନ ସିଇଓ ମୁଖ୍ୟ ଶାସନ ସଚିବଙ୍କ ସହ ଏ ବାବଦରେ ଆଲୋଚନା କରିଛନ୍ତି। ଆୟୁଷ୍ମାନ ଭାରତର ସିଇଓ ଇନ୍ଦୁଭୂଷଣ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢ଼ୀଙ୍କ ସହ ଏ ବାବଦରେ ଆଲୋଚନା କରିଛନ୍ତି। ପୂର୍ବରୁ କେନ୍ଦ୍ର ପକ୍ଷରୁ ଏ ନେଇ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଓଡ଼ିଶା ସରକାର ଏହାକୁ ପ୍ରତ୍ୟାଖାନ କରିଦେଇଥିଲେ।

କେନ୍ଦ୍ରର ଏହି ଯୋଜନାରେ ୨୫ଟି ରାଜ୍ୟ ସାମିଲ ହୋଇଥିଲେ। ଓଡ଼ିଶା ସମେତ ୫ ରାଜ୍ୟ ଏହି ଯୋଜନାରେ ସାମିଲ ହୋଇନଥିଲେ। ସୋମବାର ଦିନ ଡ. ହର୍ଷବର୍ଦ୍ଧନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦାୟିତବ ନେବା ପରେ କହିଥିଲେ ଆୟୁଷ୍ମାନ ଭାରତ ଯୋଜନାରେ ଦେଶର ପ୍ରତିଟି ଲୋକ କିଭଳି ସାମିଲ ହୋଇପାରିବେ ତାହା ତାଙ୍କର ପ୍ରାଥମିକତା ରହିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଯୋଜନାରେ ୨୭ ଲକ୍ଷ ଲୋକ ଲାଭ ପାଇଥିବା ବେଳେ ୩ କୋଟି ୪୫ ଲକ୍ଷ ଇ-କାର୍ଡ ଜାରି କରାଯାଇଛି। ଏଠାରେ ସୂଚନା ଥାଉକି ୨୦୧୮ ମସିହା ସେପେଟମ୍ବର ୨୩ ତାରିଖରେ ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ। ଦିଲ୍ଲୀ, ଓଡ଼ିଶା, ତେଲେଙ୍ଗାନା ଏହି ଯୋଜନାରେ ସାମିଲ ହୋଇନଥିଲେ।

## ସର୍ଭିସ୍ ପିସ୍ତଲରୁ ଗୁଳି ଫୁଟି ଯବାନ ମୃତ



ସମ୍ବଲପୁର, ୪।୬ (ନି.ପ୍ର.): ସମ୍ବଲପୁର ଯୁଯୁମରା ସିଆରପିଏଫ୍ କ୍ୟାମ୍ପରେ ଏକ ଅଘଟଣ ଘଟିଛି। ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟି ଜଣେ ଯବାନ ପ୍ରାଣ ହରାଇଛନ୍ତି। ତାଙ୍କ ନାଁ ବୁଟା ସିଂହ। ଆଜି ବୁଟା ସିଂହଙ୍କ ସର୍ଭିସ୍ ବନ୍ଧୁକରୁ ହଠାତ୍ ଗୁଳି ଫୁଟି ତାଙ୍କ ମୁଣ୍ଡରେ ବାଜିଛି। ଫଳରେ ଯବାନ ପ୍ରାଣ ହରାଇଛନ୍ତି। ସିଏ ଆତ୍ମହତ୍ୟା ଉଦ୍ୟମ କରିଥାଇପାରନ୍ତି ବୋଲି କୁହାଯାଉଛି। ଏହା ଅଘଟଣ ନା ଆତ୍ମହତ୍ୟା ଏ ଯାଏଁ ସ୍ପଷ୍ଟ ହୋଇନଥିବା ବେଳେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡିଛି।




## ସ୍କୁଲରେ ପାଠପଢ଼ା ଅନିଶ୍ଚିତତା

ପୁରୀ, ୪।୬ (ନି.ପ୍ର.): ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି ୧୪୩୦ଟି ସ୍କୁଲ। ଶିକ୍ଷା ଭିତିଭୂମି ଏହାଫଳରେ ଉଜୁଡିଯାଇଛି। ବାତ୍ୟାରେ କେତେକ ସ୍କୁଲର ଛପର ଉଡିଯାଇଥିବା ବେଳେ କେତେକ ସ୍କୁଲର କାନ୍ଥ ଭୁଶୁଡ଼ି ପଡିଛି କିମ୍ବା ଭୁଶୁଡ଼ିବା ଅବସ୍ଥାରେ ରହିଛି। ପୁରୀ ସହର, ସଦର, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ସତ୍ୟବାଦୀ, ଡେଲାଙ୍ଗ, ନିମାପଡା, ଗୋପ ଓ କଣାସ ଆଦି ବ୍ଲକରେ ସ୍କୁଲ ପାଠପଢ଼ା ଉପଯୋଗୀ ହୋଇ ରହିନାହିଁ। ଜିଲ୍ଲାରେ ମୋଟ ୨୦୧୮ଟି ସ୍କୁଲ ଥିବା ବେଳେ ୧୪୩୦ଟି ବାତ୍ୟାରେ ବିଶେଷ ଭାବେକ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ ଅଭିଭାବକମହଲରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସ୍କୁଲ ଖୋଲିଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠିକ୍ ଭାବେ ହେବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାଯାଇଛି ଯେ ବାତ୍ୟା କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକ ମଧ୍ୟରୁ ୭୦ଭାଗ ସ୍କୁଲ ଶିକ୍ଷାଦାନଅବସ୍ଥାରେ ନାହିଁ। ୬୮ଟି ସ୍କୁଲର ପୁନଃ ନିର୍ମାଣ ଓ୯୦୦ରୁ ଅଧିକ ସ୍କୁଲର ଛପର ମରାମତି ଆବଶ୍ୟକ। କେତେକ ସ୍କୁଲ ଭିତରେ ଗଛପତ୍ରର ଡାଳ ପଡି ରହିଛି। ପଙ୍ଖାଗୁଡିକ ନଷ୍ଟ ହୋଇଯାଇଛି। କେତେକ ସ୍କୁଲରେ ଦୁର୍ବୃତମାନେ ପଶି ଆସବାବପତ୍ର ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକଥାନାମାନଙ୍କରେ ଏତଲା ଦେଇଛନ୍ତି। ବାତ୍ୟାର ୩୦ଦିନ ପରେ ମଧ ସ୍କୁଲଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ପରିତ୍ୟକ୍ତ ଅବସ୍ଥାରେ ଅନେକ ସ୍କୁଲ ରହିଛି। ସ୍କୁଲଗୁଡିକର କ୍ଷୟକ୍ଷତି ଓ ବାସ୍ତବ ସ୍ଥିତି ସମ୍ପର୍କରେ ଏପର୍ଯ୍ୟନ୍ତ ଆକଳନ କରାଯାଇନାହିଁ। ଏଭଳି ଅବସ୍ଥାରେ ଆସନ୍ତା ୧୮ରେ ଗ୍ରୀଷ୍ମଛୁଟି ପରେ ସ୍କୁଲ ଖୋଲିବ। ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡିକୁ ପାଠପଢ଼ା ପାଇଁ ଉପଯୋଗୀ କରିବା ନିମନ୍ତେ ଅନ୍ୟୂନମାସେରୁ ଦେଢ଼ ମାସ ସମୟ ଲାଗିବ। ତେଣୁ ଜିଲ୍ଲାର ୧ଲକ୍ଷ ୮୯ହଜାର ସ୍କୁଲ ପିଲା କେଉଁଠି ଓ କିପରିପାଠ ପଢ଼ିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।








# ବିଭିନ୍ନ ସଙ୍ଗଠନମାନଙ୍କ ପକ୍ଷରୁ କୋଣାର୍କରେ ମନ୍ତ୍ରୀ ଓ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କୋଣାର୍କ,୪।୫(ନି.ପ୍ର):** ସୋମବାର ପୁରୀ ଜିଲ୍ଲାର ଦୁଇ ମନ୍ତ୍ରୀ ଓ ଜଗତସିଂହପୁର ସାଂସଦଙ୍କୁ କୋଣାର୍କବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡିଶା ସରକାରରେ ନୂତନ ମନ୍ତ୍ରୀରୂପେ ଦାୟିତ୍ୱଭାର ଗ୍ରହଣ କରିଥିବା ସ୍କୁଲ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ଓ ଯୁବସେବା ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କୁ କୋଣାର୍କର ଶତାଧିକ ସାମାଜିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଯାତ୍ରିନିବାସଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅତିଥିମାନେ ସନ୍ଧ୍ୟା ୫ଟାରେ କୋଣାର୍କ ସ୍ଥିତ ପୂର୍ତ୍ତ ବିଭାଗର ଡାକବଙ୍ଗଳାଠାରେ ପହଞ୍ଚିବା ପରେ ପୁରୀ ଜିଲ୍ଲା ଯାଦବ ମହାସଙ୍ଘ ସଭାପତି ଗୋପାଳଚନ୍ଦ୍ର ବେହେରା, ସମାଜସେବୀ ପ୍ରଫୁଲ୍ଲ ପାତ୍ର, ଶୋଭନୀୟ ଶିକ୍ଷାଶ୍ରମ ଅଧ୍ୟକ୍ଷା ରୁକ୍ମିଣୀ ଦେବୀ, ସମାଜସେବୀ ରାଜୁ ମହାପାତ୍ର, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରେସ କ୍ଲବ ସମ୍ପାଦକ ମାନସ ରଞ୍ଜନ ପାତ୍ର, କୋଣାର୍କ ସାମ୍ବାଦିକ ସଙ୍ଘ କୋଷାଧ୍ୟକ୍ଷ ଅଜିତ୍ କୁମାର ମଲ୍ଲିକଙ୍କ ସମେତ ଅନ୍ୟମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଡାକବଙ୍ଗଳାଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଅତିଥିମାନଙ୍କୁ ଯାତ୍ରୀନିବାସକୁ ଆଣିବା ପରେ ସେଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ସାହିତ୍ୟ ପତ୍ରିକା 'ଧରମା'ର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଏହାପରେ କୋଣାର୍କ ଅଞ୍ଚଳ ବାସୀଙ୍କ ପକ୍ଷରୁ ସାମୁହିକ ଭାବେ କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସମାଜସେବୀ ପ୍ରଫୁଲ୍ଲ ପାତ୍ର ଓ କାଉନସିଲର ସଂଯୁକ୍ତା ତ୍ରିପାଠୀ ମନ୍ତ୍ରୀ ଓ ସାଂସଦଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ କୋଣାର୍କର ବହୁବିଧ ବିକାଶ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅତିଥିମାନଙ୍କ ଅଭିଭାଷଣ ପରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶୋଭନୀୟ ଶିକ୍ଷାଶ୍ରମ, ରେଡିଓ ନମସ୍କାର, ସୋଲାର, ଅର୍କଶ୍ରୀ, କୋଣାର୍କ ପ୍ରେସ କ୍ଲବ, କୋଣାର୍କ ସାମ୍ବାଦିକ ସଙ୍ଘ, କୋଣାର୍କ ନାଟ୍ୟ ମଣ୍ଡପ, କୋଣାର୍କ ବାର ଆସୋସିଏସନ୍, କୋଣାର୍କ ସାହିତ୍ୟ ସଂସଦ, ବସନ୍ତମଞ୍ଜରୀ ପାଠାଗାର, କୋଣାର୍କ ବିଜୁ ଯୁବ ବାହିନୀ, ସତ୍ୟସାଇ ସେବା ସଙ୍ଗଠନ, ଧର୍ମରେଖା ଫାଉଣ୍ଡେସନ, ମା' ରାମଚଣ୍ଡୀ ସେବାୟତ କମିଟି, ରାମଚଣ୍ଡୀ ବଜାର କମିଟି, ମଟରବୋଟ୍ ଆସୋସିଏସନ୍, ଲୋଟସ ରିସର୍ଟ, ଚନ୍ଦ୍ରଭାଗା ବଜାର କମିଟି, ଯାତ୍ରୀନିବାସ, କୋଣାର୍କ ଏନ୍ଏସି କାର୍ଯ୍ୟାଳୟ, ବନବିଭାଗ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ସମେତ କୋଣାର୍କର ସମସ୍ତ ଶିକ୍ଷାନୁଷ୍ଠାନକୁ ମିଶାଇ ୧୧୨ଟି ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦୁଇ ମନ୍ତ୍ରୀ ଓ ସାଂସଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରିଥିଲେ କୋଣାର୍କ ପ୍ରେସ କ୍ଲବ ସଭାପତି ସଞ୍ଜୟ ପତି ଓ ସମାଜସେବୀ ରାମକୃଷ୍ଣ ମହାନ୍ତି। ଶିକ୍ଷକ ପ୍ରତାପ ରାଉତ ଧନ୍ୟବାଦ ଦେଇଥିଲେ। କୋଣାର୍କ ସାହିତ୍ୟ ସଂସଦ, ବସନ୍ତମଞ୍ଜରୀ ପାଠାଗାର, କୋଣାର୍କ ପ୍ରେସ କ୍ଲବ ଓ କୋଣାର୍କ ସାମ୍ବାଦିକ ସଙ୍ଘର ସଦସ୍ୟମାନେ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ବାଚନ କାର୍ଯ୍ୟସାରି ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ

**ଯାଜପୁର,୪।୫(ନି.ପ୍ର):** ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକର ଅତା ଓ ପିଙ୍ଗଳ ଗ୍ରାମପଂଚାୟତର କାର୍ଯ୍ୟ ନର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା କାର୍ଯ୍ୟନିବାହୀ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଆଜି ମୃତ୍ୟୁ ଘଟିଛି। ସେ ଦାନଗଦି ବ୍ଲକର ବାଙ୍ଗରକୋଟା ଗ୍ରାମର ରଙ୍କନିଧି ବେହେରାଙ୍କ ପୁତ୍ର ଅଟନ୍ତି। ସୁଚନା ମୁତାବକ ଗ୍ରାମ ରୋଜଗାର ସେବକରୁ କାର୍ଯ୍ୟନର୍ବାହୀ ଅଧିକାରୀ ହୋଇଥିବା ଆନନ୍ଦ ଚନ୍ଦ୍ର ବେହେରା ଗତ ୨୯ତାରିଖରେ ଏନ.ସି କଲେଜରୁ ନିର୍ବାଚନ କାର୍ଯ୍ୟ ସାରି ୩୦ ତାରିଖ ସକାଳୁ ଘରକୁ ଫେରୁଥିବା ସମୟରେ ତୁଳତି ନିକଟରେ ତାଙ୍କ ଏବଂ ତାଙ୍କ ଭାଇଙ୍କୁ ଏକ ଅଜଣା ଗାଡି ଧକ୍କାଦେଇ ପଳାଇଯାଇଥିଲା। ସେଠାରୁ ତାଙ୍କୁ ନିକଟସ୍ଥ ଗ୍ରାମବାସୀ ଏବଂ ସୁକିନ୍ଦା ପୋଲିସ ଉଦ୍ଧାର କରି ପ୍ରଥମେ ଯାଜପୁର ଏବଂ ପରେ କଟକ ବଡ ମେଡିକାଲକୁ ପଠାଇଥିଲା। ତାଙ୍କର ଗୋଡଟି ଭାଙ୍ଗିଯାଇଥିବା ବେଳେ ଛାତିରେ ଗଭୀର ଆଘାତ ଲାଗିଥିଲା। ସେହିଦିନଠାରୁ ସେ ଚିକିତ୍ସିତ ହେଉଥିଲେ। ଆଜି ପୁଣି ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାରଲୋକେ ତାଙ୍କୁ ଆନନ୍ଦପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଘଟଣା ପ୍ରାପ୍ତ ହେବା ପରେ ସୁକିନ୍ଦା ବ୍ଲକ ଏବଂ ଦାନଗଦି ବ୍ଲକ ସମେତ ଅନ୍ୟାନ ବ୍ଲକରେ ଶୋକର ଛାୟା ଖେଳିଯାଇଛି। ବହୁ ପ୍ରତିଷ୍ଠିତ ଲୋକ ଏବଂ କର୍ମସାଥୀ ବନ୍ଧୁ ମାନେ ତାଙ୍କର ଶେଷଦର୍ଶନ କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତୁରନ୍ତ ସରକାର ତାଙ୍କ ପରିବାରକୁ ନିର୍ବାଚନରେ ଆହତ ହେବା ଏବଂ ମୃତ୍ୟୁ ବରଣ କରିବା କର୍ମଚାରୀଙ୍କ



ପାଇଁ ଉଦ୍ଦିଷ୍ଟ ସହାୟତା ରାଶି ପ୍ରାଦନ କରିବାକୁ ସବୁ ମହଲରୁ ଦାବି ହେଉଛି। ତାଙ୍କର ଏଭଳି ଦେହାନ୍ତରେ ଗ୍ରାମ ରୋଜଗାର ସେବକ ସଙ୍ଘର ସଭାପତି ଅଜୟ ଜେନା, ସମ୍ପାଦକ ବିଜୟ ବସ୍ତିଆ, ମାନସ ରାଉତ, ଚିନ୍ମୟ ସାହୁ, କାମାକ୍ଷା ପ୍ରସାଦ ପରିଡା, ମୋହନ ଚରଣ ଦାସ ସମେତ ବହୁ ଗ୍ରାମ ରୋଜଗାର ସେବକ ସେବିକା ଏବଂ କାର୍ଯ୍ୟନିବାହୀ ଅଧିକାରୀ ମାନେ ଶୋକବ୍ୟକ୍ତ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## କଟାଯିବା ପାଇଁ ବଛା ଯାଇଛି ଇତିହାସ ସାକ୍ଷୀ ହଜାରେ ପୁରୁଣା ଆମ୍ବଗଛ

# ଟ୍ରି ଟ୍ରାନ୍ସପ୍ଲାର ଜରିଆରେ ସ୍ଥାନାନ୍ତରିତ ପାଇଁ ଉଠିଲା ଦାବି



**ଭୁବନେଶ୍ୱର,୪।୫(ନି.ପ୍ର):** ଜୁନ୍ ୫, ପାଳିତ ହେବ ବିଶ୍ୱ ପରିବେଶ ଦିବସ। ସମାଜ ପାଇଁ ବୃକ୍ଷଲତାର ଅବଦାନକୁ ନେଇ ହେବ ନାନା ପ୍ରକାର ସଚେତନତା ସଭା ଓ ସମାବେଶ। କିନ୍ତୁ ବାସ୍ତବରେ ସମାଜ ପାଇଁ ଅପରିହାର୍ଯ୍ୟ ଜଙ୍ଗଲ ଏବେ ସଙ୍କୁଚିତ ହେବାରେ ଲାଗିଛି। ବଢୁଥିବା ଜନସଂଖ୍ୟା ଓ ସେମାନଙ୍କର ବିଳାସ ପାଇଁ ବଳି ପଡୁଛି ସବୁଜିମା। କୋଠା, ସଡ଼କ, ଶିଳ୍ପ ଓ ରେଳପଥର ବିସ୍ତାର ପାଇଁ ଉଜୁଡ଼ି ଯାଉଛି ସବୁଜିମା। ଏହାର ଆଉ ଏକ ସଦ୍ୟତମ ଘଟଣା ହେଉଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଛତାବର ରାସ୍ତାର ସମ୍ପ୍ରସାରଣ। ପାଣିଓରାରୁ ଚନ୍ଦକା ମଧରେ ରାସ୍ତା ସମ୍ପ୍ରସାରଣ ପାଇଁ ହଜାରରୁ ଉର୍ଦ୍ଧ୍ୱ ଆମ୍ବ ଗଛ ବଳି ପଡ଼ିବ। ଶହ ଶହ ବର୍ଷର ପୁରୁଣା ଏହି ଆମ୍ବ ଗଛ। କୁହାଯାଉଛି ଏହା କୁଆଡ଼େ ଶେର୍‌ଶାହାଙ୍କ ଅମଳରୁ ରୋପିତ ହୋଇଥିଲା। ଫଳ, ଛାଇ, ଶୀତଳତା ଓ ମନୋରଞ୍ଜନ କରାଉଥିବା ଇତିହାସର ମୂକସାକ୍ଷୀ ଏହି ପୁରୁଣା ଆମ୍ବଗଛ ଗୁଡ଼ିକୁ କାଟିନେବା ପାଇଁ ଏବେ ନିର୍ଦ୍ଦେଶ ଜାରି ହୋଇଛି। ଗଛଗୁଡ଼ିକୁ ଚିହ୍ନ ଦିଆଯାଇ ସାରିଛି।

ଶହ ଶହ ବର୍ଷର ପୁରୁଣା ଏହି ଆମ୍ବଗଛଗୁଡ଼ିକୁ କାଟିଦେବା ପାଇଁ ଚିହ୍ନ ଦିଆଯିବା ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ, ଅହମ୍ମଦାବାଦ, କେରଳ, ଚେନ୍ନାଇ ଓ ଉତ୍ତରାଖଣ୍ଡର ଅନେକ ପ୍ରକଳ୍ପରେ ବୃକ୍ଷକୁ ଛେଦନ କରାନଯାଇ ସ୍ଥାନାନ୍ତରୀକରଣ କରାଯାଉଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟର ରାଜଧାନୀ କୁହାଯାଉଥିବା ଓଡ଼ିଶାରେ ଅବିଚାର ଭାବେ ବୃକ୍ଷ ଛେଦନକୁ ସରକାର ପ୍ରାଥମିକତା କାହିଁକି ଦେଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସମାଜିକ କର୍ମୀ ସୁଶାନ୍ତ ସାହୁ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ପତ୍ର ଲେଖି ଛତାବର ସଡ଼କ ସମ୍ପ୍ରସାରଣ ପ୍ରକଳ୍ପରେ ବୃକ୍ଷମାନଙ୍କୁ ନ କାଟି ସ୍ଥାନାନ୍ତରଣ ପାଇଁ ଦାବି କରିଛନ୍ତି। ଓଡ଼ିଶା ଟ୍ରି ଟ୍ରାନ୍ସପ୍ଲାଣ୍ଟର ମେସିନ୍ କିଣି ଓ ଆଗାମୀ ଦିନରେ ବୃକ୍ଷ ଛେଦନରୁ ନିବୃତ୍ତ ରହୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି।

# ଚିକିତ୍ସା ଅବହେଳାରୁ ନାବାଳକର ମୃତ୍ୟୁ

**ଢେଙ୍କାନାଳ,୪।୫(ନି.ପ୍ର):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣଙ୍କ ପରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟଣା ବୃଦ୍ଧି ପାଉଥିବା ବେଳେ ଚିକିତ୍ସା ଅବହେଳାରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଡାକ୍ତରଖାନା ଠାରୁ ମାତ୍ର ଅଳ୍ପଦୂର ପାଂଚକାହାଣିଆଁ ଗାଁର ନାବାଳକ ରାକେଶ ଦେହୁରୀ (୧୬)ଗତକାଲି ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ପରିବାର ସଦସ୍ୟମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଚିକିତ୍ସିତ ହେଉଥିବା ସମୟରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ନେବାପାଇଁ ବିଳମ୍ବିତ ରାତ୍ରରେ ଡାକ୍ତର ପରାମର୍ଶ ଦେଇଥିଲେ । ଆଜି ସକାଳେ କଟକ ନେବାପାଇଁ ପରିବାର ସଦସ୍ୟ ଯୋଜନା କରିବା ସମୟରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ କାର୍ଯ୍ୟରତ ଷ୍ଟାଫ୍ ନର୍ସ ଇଂଜେକ୍ସନ ଦେଇଥିଲେ । ଇଂଜେକ୍ସନ ଦେବାର କିଛି ସମୟ ପରେ ରାକେଶଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ହେବା ପରେ ପରିବାର ସଦସ୍ୟମାନେ ଉତ୍କ୍ଷିପ୍ତ ହେବା ସହିତ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ । ଡାକ୍ତରଖାନାରେ ପୋଲିସ୍ ପହଁଚି ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା । ଚିକିତ୍ସାରେ ଅବହେଳା ଅଭିଯୋଗ କରି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରଶାସନ ନିକଟରେ ପରିବାର ସଦସ୍ୟ ଦାବୀ କରିଛନ୍ତି ।

## ବଳରାମ ବାରିକଙ୍କ ପୁସ୍ତକ 'ଭୋକ' ଓ ପ୍ରତିଭା ପ୍ରିୟଦର୍ଶିନୀଙ୍କ ପୁସ୍ତକ 'ପ୍ରିତିଲଗ୍ନା' ଉନ୍ମୋଚିତ



**କଟକ,୪।୫(ନି.ପ୍ର):** କଟକ ସ୍ଥିତ ସୀତଲ ହୋଟେଲ ପରିସରରେ ଶବ୍ଦବ୍ରହ୍ମ ପ୍ରକାଶନ ପକ୍ଷରୁ ଯୁବ ଲେଖକ, ଗାଳ୍ପିକ କବି ବଳରାମ ଦାସଙ୍କ ପୁସ୍ତକ 'ଭୋକ' ଏବଂ ପ୍ରତିଭା ପ୍ରିୟଦର୍ଶିନୀଙ୍କ ପୁସ୍ତକ 'ପ୍ରିତିଲଗ୍ନା' ଏକ ବର୍ଣ୍ଣାଢ୍ୟ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡକ୍ଟର ଦେବାଶିଷ ପାତ୍ର, ମୁଖ୍ୟ ବକ୍ତାଭାବେ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଡକ୍ଟର ମୋହନ ଦାସ ପ୍ରମୁଖ ଯୋଗଦେଇ ଉଭୟ ଲେଖକଙ୍କ ଏଭଳି ସଂକଳନ ଓଡଆ ସାହିତ୍ୟ ଜଗତ ପ୍ରତି ଏବ ଅମୁଲ୍ୟ ରତ୍ନ ହୋଇ ରହିବ ବୋଲି ମତବ୍ୟକ୍ତ କରିବା ସହ ଅନେକ ସାହିତ୍ୟିକ ମାନେ ନିଜର ବ୍ୟକ୍ତିଗତ ଲାଳସା ଏବଂ ବିଭିନ୍ନ ପଦପଦବୀ ପାଇଁ ଓଡିଆ ସାହିତ୍ୟ ଆଜି ବହୁ ପଛରେ ପଡିଥିବା କହିଥିଲେ। ଏପରିକି ସାହିତ୍ୟିକ ଏବଂ ତଥାକଥିତ ଲେଖକ ମାନେ ସାହିତ୍ୟକୁ ବିକାକିଣାର ମାଧମ କରିବାରେ ବ୍ୟସ୍ତ ରହିବା ସହିତ ସାହିତ୍ୟିକ ନାମରେ କଳଙ୍କତି ଅଧ୍ୟାୟ ସୃଷ୍ଟି କରୁଛନ୍ତି ବୋଲି ମତଦେଇଥିଲେ। ଲେଖକ ବଳରାମ ବାରିକ ନିଜର ପୁସ୍ତକ ଉପରେ ସାମକ୍ୟ ସୂଚନା ପ୍ରଦାନ କରିଥିଲେ। ଶେଷରେ ଏହାର ନିର୍ଦ୍ଦେଶକ ଅବିନାଶ ଦାସ ପ୍ରକାଶନୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅପର୍ଣ କରିଥିଲେ।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ 'ଆୟୁଷ୍ମାନ ଭାରତ' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆଲୋଚନା

**ଭୁବନେଶ୍ୱର,୪।୫(ନି.ପ୍ର):** କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ' ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇନ୍ଦୁ ଭୂଷଣଙ୍କ ନେତୃତ୍ୱରେ ଆସିଥିବା ୫ ଜଣିଆ ପ୍ରତିନିଧି ଦଳ ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ କରାଯିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଆଲୋଚନା କାଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ନ୍ତବିଜୁ ସ୍ୱାସ୍ଥ୍ୟ କଲ୍ୟାଣନ୍ତଯୋଜନା ଓ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ଦୁଇ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ଆମ ରାଜ୍ୟରେ କାର୍ଯ୍ୟକାରୀ ଦେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ଏକ ସବୁଠାରୁ ଭଲ ଯୋଜନା। ଆଜି ସେମାନଙ୍କ ସହିତ ଯେଉଁ ଆଲୋଚନା ହେଲା ତାହା ପ୍ରାଥମିକ ପର୍ଯ୍ୟାୟ ଆଲୋଚନା । ସେମାନେ ବିଧିବଧ ଭାବେ ପ୍ରସ୍ତବ ଦେବା ପରେ ଆମେ ତାଙ୍କର ପ୍ରସ୍ତାବକୁ ତର୍ଜମା କରିବୁ । ଆମ ରାଜ୍ୟ ଯଦି ବିଶେଷ ଭାବେ ଉପକୃତ ହୋଇ ପାରିବ ତାହା ହେଲେ ବିଚାର କରାଯାଇପାରେ । ପ୍ରକାଶ ଥାଉକି ଆମର ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ୭୦ ଲକ୍ଷ ପରିବାର ଉପକୃତ ହେଉଛନ୍ତି । ୨୦୧୮ ମସିହା ଡିସେମ୍ବର ମାସରୁ ବନ୍ଦ



ହୋଇଯାଇଥିବା କେନ୍ଦ୍ର ସରକାରଙ୍କ ରଷ୍ଟ୍ରୀୟ ସ୍ୱାସ୍ଥ୍ୟ ବିମା ଯୋଜନାର ୪୪ ଲକ୍ଷ ହିତାଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ । ରାଜ୍ୟ ଓ ରାଜ୍ୟ ବାହାରର ୨୧୮ ଟି ଘରୋଇ ଡାକ୍ତରଖାନାରେ ମଧ୍ୟ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ଉପଲବ୍ଧ କରାଯାଇଛି ।

ଏହି କେନ୍ଦ୍ରୀୟ ଦଳ ପ୍ରଥମେ ମୁଖ୍ୟ ଶାସନସଚିବ ଆଦିତ୍ୟ ପାଢୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ । ସଚିବାଳୟ ଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା କାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା , କେନ୍ଦ୍ରରୁ ଆସିଥିବା ମନୁ ଶୁକ୍ଲା , ଆଦିତି ଭାର୍ଗବ , ଆସ୍ଥା ଆରୋରା ଓ ରୋହିତ ଦେଓ ଝାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ନିର୍ବାଚନର ଭାଷଣରେ ସୀମିତ ବ୍ରହ୍ମପୁର ସହରର ଜାନିବିଲ୍ ଜଳ ପ୍ରକଳ୍ପ

# ଫେଲ୍ ମାରିଛି ଜାନିବିଲ ବୃହତ ଜଳ ଯୋଗାଣ, ବ୍ରହ୍ମପୁର ବାସୀ ଅସନ୍ତୋଷ

**ବ୍ରହ୍ମପୁର,୪।୫(ନି.ପ୍ର):** ମହାନଗର ନିଗମ ରେ ଦୀର୍ଘ ଦିନରୁ ଭୟଙ୍କର ଜଳ ସଙ୍କଟ ଲାଗି ରହିଛି । ଅଂଚଳର ବିଭିନ୍ନ ସ୍ଥାନରେ ଆଜି ପର୍ଯ୍ୟନ୍ତ ହଜାର ହଜାର ବାସିନ୍ଦା ପାଣି ନ ପାଇ କଲବଲ ହେଉଛନ୍ତି । ଅପରପକ୍ଷରେ ଚଳିତ ସାଧାରଣ ନିର୍ବାଚନ କୁ ଦୃଷ୍ଟିରେ ରଖି ରାଜନୈତିକ ଉଦ୍ଦେଶ୍ୟ ମୂଳକ ଭାବେ ଅସମ୍ପୂର୍ଣ୍ଣ ଜାନିବିଲ ବୃହତ ଜଳ ଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଦ୍ୱାରା ମାର୍ଚ୍ଚ ମାସ ୩ ତାରିଖରେ ତରବରିଆ ଭାବେ ଉଦଘାଟନ କରାଯାଇଥିଲା । ଏହି ପ୍ରକଳ୍ପଟି ପ୍ରାୟ ୫ଶହ କୋଟି ଟଙ୍କାରେ ଏହି ଯୋଜନା ସହରବାସୀଙ୍କ ଶୋଷ ମେଣ୍ଟାଇବାରେ ବିଫଳ ହୋଇଥିବା ସାଧାରଣରେ ସଙ୍ଗୀନ ଅଭିଯୋଗ ହୋଇଛି । କମାପଲ୍ଲୀ ଅଂଚଳର ୩୧ନଂ ବାର୍ଡ ରେ ଗତ ସପ୍ତାହ ହେଲା ପାଇପ ଜଳ ଯୋଗାଣ ବ୍ୟାହତ ହୋଇଥିବା ମହାନଗର ନିଗମର ପୁର୍ବତନ ବିଜେଡି କର୍ପୋରେଟର୍ ସୁରେନ୍ଦ୍ର ମହାରଣା କହିଛନ୍ତି । ସମ୍ପୃକ୍ତ ଜନ ସ୍ୱାସ୍ଥ୍ୟ ବିଭାଗର ଅପାରଗତା କୁ ଦାୟୀ କରିଛନ୍ତି । ଏହାର ପ୍ରତିବାଦରେ ବାର୍ଡ ନଂ ୧୫ର ସାହି ବାସିନ୍ଦାଙ୍କୁ ମେଳି କରି ଆନ୍ଦୋଳନ ଚଳାଇବାର ସେ ଚେତାବନି ଶୁଣାଇଛନ୍ତି । ବ୍ରହ୍ମପୁର ମହାନଗର ରେ ଦୀର୍ଘ ୩ ଦଶନ୍ଧି ଧରି ପାଣି ସମସ୍ୟା ର ଉତ୍କଟ ହୋଇଛି । ଏଥି ପାଇଁ ୨୪ ବର୍ଷ ର ୫ ଥର ବିଧାୟକ ହୋଇଥିବା ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉ ପଟନାୟକ ସହରବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ । ବହୁ ବିଳମ୍ବରେ ରାଜ୍ୟ ସରକାର ଜାନିବିଲ ଯୋଜନା ପାଇଂ ନିଷ୍ପତି ନେଲେ । ୨୦୧୬ ମସିହା ନଭେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ପାଇଁ ଶିଳାନ୍ୟାସ କଲେ । ୨୦୧୮-୩୦ରେ ନିର୍ମାଣ ଶେଷ ହେବାର ସେ ଜନସମାବେଶରେ ଘୋଷଣା କରିଥିଲେ । ଅବଧିର ୬ ମାସ ପୁରିଛି । ଏବଂ ମାତ୍ର ଶତକଡା ୫୦ ଭାଗ ନିର୍ମାଣ କାର୍ଯ୍ୟ ସରି ନଥିବା ବିଭିନ୍ନ ସୂତ୍ରରୁ ଜଣାପଡିଛି । ବ୍ରହ୍ମପୁର ସହରରେ ପ୍ରାୟ ୭୦ ହଜାରରୁ ଅଧିକ ବାସଗୃହ ଅଛି । ସବୁ ଘରକୁ ଜାନିବିଲ ପାଣି ଯୋଗାଇବାରେ ନକ୍ସା ପ୍ରସ୍ତୁତ କରାଯାଇଛି । ଏକ ନାମିଦାମି କମ୍ପାନୀ ର ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି । ସେହି ସଂସ୍ଥା ସହର ସାରା ଖୋଳି ଖୋଳି ଭଲଥିବା ରାସ୍ତା ଗୁଡିକୁ କଦର୍ଯ୍ୟ କରି ପକାଇଛି । ଯାହା ଫଳରେ ଯାତାୟାତ କରିବାରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଆଗକୁ ବର୍ଷା ଋତୁ ଆସୁଥିବା ହେତୁ ଛୋଟ ବଡ ଦୁର୍ଘଟଣା ହେବାର ସମ୍ଭାବନା ରହିଛି । କେବେ ସଂମ୍ପୁର୍ଣ୍ଣ ହେବ ତାହା ମଧ୍ୟ ଅନିଶ୍ଚିତତା ହୋଇଯାଇଛି । ସେହି ଭଳି ବ୍ରହ୍ମପୁର ସହରର କେନ୍ଦ୍ର ବିନ୍ଦୁ ହୋଇଥିବା ରାମଲିଙ୍ଗମ୍ ରୋଡ୍ ଠାରେ ମଧ୍ୟ ସେହି ଅବସ୍ଥା । ରାମଲିଙ୍ଗମ ପାର୍କର ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଗତିକରୁଥିବା ଯୋଗୁଁ ସହରର ଦୁଇ ପାଖ ରାସ୍ତା ଗୁଡିକୁ ଖୋଳି ପକାଇଛନ୍ତି କମ୍ପାନୀର ଠିକାଦାର । ବଜାର, ଘାଟ,ସ୍କୁଲ ପିଲାଙ୍କ ଯିବା ଆସିବା ରେ ବହୁ ଅସୁବିଧା ହେଉଛି । ମହାନଗର ର ଜନସଂଖ୍ୟା ଦିନକୁ ଦିନ ବଢି ଚାଲିଥିବା ହେତୁ ଅନ୍ୟୁନ ୬୦ରୁ ୭୦ ଏମ,ଏଲ,ଡି ପାଣିର ଆବଶ୍ୟକତା ରହିଛି । ଋଷିକୂଲ୍ୟା ମିଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ,ଦକ୍ଷିଣ ପୁର ଜଳ ଭଣ୍ଡାର ଏବଂ ଡିପ୍ ଟ୍ୟୁବନାଲ୍ ଆଦିରୁ ୪୦ରୁ୪୫ ଏମ,ଏଲ,ଡି ପାଣି ମେଳୁଛି । ଭୂ-ତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଯେତେ ସବୁ ନଳକୂପ ଥିଲା ସେ ସବୁ ଗୁଡାକ ଅକାମି ହୋଇ ପଡିଛି । ସହରରେ ବିଭିନ୍ନ ସ୍ଥାନ ମାନଙ୍କରେ ବେଧଡକ ଭାବେ ରିୟାଲ୍‌ଷ୍ଟେଟ୍ ମାଲିକ ମାନେ ଆପାର୍ଟମେଣ୍ଟ ତିଆରି କରି ଭୂ ସ୍ତରର ଜଳ ରାଶିକୁ ଖନନ କରି କମାଇବାରେ ଲାଗିଛନ୍ତି । ଗତ ମାର୍ଚ୍ଚ ମାସରୁ ପ୍ରଚଣ୍ଡ ଖରା ଯୋଗୁଁ ବର୍ତମାନ ସୁଦ୍ଧା ପାଣି ସଙ୍କଟର ଭୟ ଦେଖାଦେଇଚି । ଜନସ୍ୱାସ୍ଥ୍ୟ ବିଭାଗ, ନିର୍ବାହୀ ଯନ୍ତ୍ରୀଙ୍କୁ ରହସ୍ୟଜନକ ଭାବେ ଜାନିବିଲ ପ୍ରକଳ୍ପର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେ ଲୋକଙ୍କ ଅଭିଯୋଗ ଶୁଣିବା ତେଣେ ଥାଉ ଫୋନ କଲ ମଧ୍ୟ ଉଠାଉ ନାହାନ୍ତି । ଗଜପତି ନଗର,ଆଙ୍କୁଲି, ଶିଳ୍ପାଂଚଳ, ଲାଞ୍ଜିପଲ୍ଲୀ, ବିଜୁପୁର,କମାପଲ୍ଲୀ, ଅଶୋକ ନଗର,ଗାନ୍ଧୀନଗର, ଓ ଆଉ କେତେକ ଅଂଚଳରେ ଜଳକଷ୍ଟ ଅସମ୍ଭାଳ ହୋଇଯାଇଛି । ବର୍ତମାନ ର ନବ ନିର୍ବାଚିତ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ଏବେ ଜଳସଂଙ୍କଟ ଚ୍ୟାଲେଞ୍ଜ୍ ହୋଇ ଯାଇଛି । ଶ୍ରୀ ପଣ୍ଡା ଜନସ୍ୱାସ୍ଥ୍ୟ ବିଭାଗ ଓ ନିର୍ବାହ ଯନ୍ତ୍ରୀଙ୍କ ଅପାରଗତାରୁ ଏଭଳି ସ୍ଥିତି ଉପୁଜିଥିବା କହିଥିଲେ । ଆସନ୍ତା ୬ ତାରିଖରେ ନିଅନ୍ଥିଆ ଜଳ ଯୋଗାଣ ନେଇ ଏକ ସମୀକ୍ଷା କରାଯିବ ବୋଲି ଶ୍ରୀ ବିକ୍ରମ ପଣ୍ଡା କହିଛନ୍ତି । ପରିସ୍ଥିତିର ସୁଧାର ନ ହେବା ପର୍ଯ୍ୟନ୍ତ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ମାନଙ୍କୁ ସ୍ଥାନାନ୍ତର ଲାଗି ସରକାରଙ୍କ ଉପରେ ଚାପ ପକାଯିବ ବୋଲି ସେ ରୋକ ଠୋକ କହିଚନ୍ତି ।



# ୨୦୧୯ ଖରିଫ୍ ପାଇଁ କଟକ ଜିଲ୍ଲା କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକ





**କଟକ,୪।୬(ନିପ୍ର):** ୨୦୧୯ ଖରିଫ୍ ଫସଲ ପାଇଁ କଟକ ଜିଲ୍ଲା କୃଷି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କମିଟି ବୈଠକି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶ୍ରୀକାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୧ଲକ୍ଷ୮୮ହଜାର ୧୫୦ ହେକ୍ଟର ଚାଷ ଜମିରେ ଚଳିତ ଖରିଫ୍ ରେ ବିଭିନ୍ନ ଚାଷ କରିବା ପାଇଁ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି । ପ୍ରକାଶଥାଉକି ଧାନ, ମକା ଖାଦ୍ୟ ଶସ୍ୟ ପାଇଁ ୧ ଲକ୍ଷ ୩୬ ହଜାର ୬୦୦ ହେକ୍ଟର, ଡାଲି ଜାତୀୟ ୧ହଜାର୩୫ ହେକ୍ଟର, ତୈଳବୀଜ ଜାତୀୟ ୧ହଜାର୩୦ ହେକ୍ଟର, ଫାଇବର ଜାତୀୟ ପାଇଁ ୧ହଜାର୩୦୬ ହେକ୍ଟର, ପରିବା ପାଇଁ ୪୨ ହଜାର ୩୯୭ ହେକ୍ଟର, ମସଲା ୨ହଜାର ୮୦୦ ହେକ୍ଟର ଓ ଆଖୁ ୨ହଜାର ୯୮୨ ହେକ୍ଟର ମୋଟ ଏହିପରି ୧ଲକ୍ଷ ୮୮ହଜାର ୧୫୦ ହେକ୍ଟର ଚାଷ ଜମିରେ ଚାଷ କରାଯିବ । ଏଥିପାଇଁ ଜଳ ପରିଚାଳନା, ଫାର୍ମ ମେକାନାଇଜେସନ ପଦ୍ଧତି, ଜଳନିଧି ଯୋଜନାରେ ଉଠାଜଳସେଚନ ମାଧ୍ୟମରେ ଭୂତଳ ଜଳର ବ୍ୟବହାର, ସୋଲାର ପାଣିପମ୍ପ୍ ଦ୍ୱାରା ଜଳସେଚନ ଏହିପରି ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ସହ କମ ଖର୍ଚ୍ଚରେ ଫସଲ ଅମଳ ବୃଦ୍ଧି କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଚଳିତ ଖରିଫରେ ହେକ୍ଟର ପିଛା ୮୦ କିଲୋଗ୍ରାମ ସାର ବ୍ୟବହାର, ୧୬ ହଜାର ହେକ୍ଟର ଚାଷ ଜମିରେ ଆଧୁନିକ ଜ୍ଞାନ କୌଶଳ, ଆଇ.ପି.ଏମ (Integrated Pest management) ମାଧ୍ୟମରେ ବିହନବିଶୋଧନ ତଥା( ଇ ପେଷ୍ଟ ସର୍ବେକ୍ଷଣ ଜରିଆରେ) ରୋଗ ପୋକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଥିବା ବୈଠକରୁ ଜଣାପଡିଛି । ପ୍ରକାଶଥାଉକି ଚଳିତ ଖରିଫ୍ ଋତୁ ପାଇଁ ସମବାୟ ବ୍ୟାଙ୍କ୍ ମାଧ୍ୟମରେ କୃଷି ଋଣ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପି.ଡି.ଡିଆରଡିଏ ଶ୍ରୀ ସରୋଜକାନ୍ତ ମହାନ୍ତି, କୃଷି ଉପ ନିର୍ଦ୍ଦେଶକ ଶ୍ରୀ ପରେଶ ଚନ୍ଦ୍ର ସାହୁ, ସଦର ଉପ ଜିଲ୍ଲାପାଳ ଶ୍ରୀ ସୁକାନ୍ତ କୁମାର ପ୍ରଧାନ, ନାବାର୍ଡ ଏ.ଜି.ଏମ୍ ଶ୍ରୀ ସିଦ୍ଧାର୍ଥ ପଣ୍ଡା, ଏଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଶ୍ରୀ ବୈଷ୍ଣବ ଚରଣ ବାରିକଙ୍କ ସମେତ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ କୃଷି ଅଧିକାରୀ , ସମ୍ପାଦକ, ପ୍ରାଥମିକ କୃଷି ସମବାୟ ସମିତି, ବିହନ ନିଗମ, ମାର୍କଫେଡ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଶିକ୍ଷକ ସମାଜ ପ୍ରତି ଅବନୀ ବରାଳଙ୍କ ଅବଦାନ ଅତୁଳନୀୟ

ଜଗତସିଂହପୁର,୩।୬(ନିପ୍ର): ଜଗତସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ, ପ୍ରବୀଣ ଶିକ୍ଷାବିତ୍ ଓ ସର୍ବମାନ୍ୟ ଶିକ୍ଷକ ନେତା ସ୍ୱର୍ଗତ ଅବନୀ ବରାଳଙ୍କ ୮୪ତମ ଜୟନ୍ତୀ ଆଜି ପ୍ରଫେସର ଅବନୀ ବରାଳ ସ୍ମୃତି ସଂସଦ ପକ୍ଷରୁ ଚର୍ଚ୍ଚିକା ବଜାରସ୍ଥିତ ଡାଇମଣ୍ଡ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି । ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ନିକୁଞ୍ଜକିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସାରସ୍ୱତପରିଷଦ ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଅବନୀ ବରାଳଙ୍କ ପରି ସୁଯୋଗ୍ୟ ସନ୍ତାନକୁ ଜନ୍ମଦେଇ ଜଗତସିଂହପୁର ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମନାଭ ପଣ୍ଡା ଯୋଗଦେଇ ଶିକ୍ଷକମାନଙ୍କୁ ଚାକିରି ନିରାପତ୍ତା,ସମାନ କାମକୁ ସମାନ ଦରମା,ପ୍ରତ୍ୟକ୍ଷ ଅନୁଦାନ,ପେନସନ୍ ସୁବିଧା ଓ ୟୁଜିସି ବେତନ ପ୍ରଦାନ କ୍ଷେତ୍ରରେ ଅବନୀ ବରାଳଙ୍କ ଭୂମିକା ଅବିସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ ।ସମ୍ମାନନୀୟ ଅତିଥିଭାବେ ଭାବେ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଓ ପ୍ରତାପକେଶରୀ ମହାପାତ୍ର ଯୋଗଦେଇ ସ୍ମୃତଚାରଣ କରି ସ୍ୱର୍ଗତ ଅବନୀ ବରାଳଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରି ଆଗାମୀ ଦିନରେ ଶିକ୍ଷକ ସମାଜ ତାଙ୍କ ପଦାଙ୍କ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଶେଷରେ ଶିକ୍ଷକ ପ୍ରଳୟ ରଂଜନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀଙ୍କ ଭଦ୍ରକ ଗସ୍ତ



**ଭଦ୍ରକ,୪।୬(ନିପ୍ର):** ଆରଡି ସ୍ଥିତ ପ୍ରସିଦ୍ଧ ବାବା ଆଖଣ୍ଡଳମଣି ଏବଂ ଭଦ୍ରକାଳୀ ପୀଠ ସହିତ ଅନ୍ୟାନ୍ୟ ପୀଠମାନଙ୍କୁ ଅଧିକ ପର୍ଯ୍ୟଟକଙ୍କ ଆସିବା ଉପରେ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି । ଗତକାଲି ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ ଦିନିକିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ଦେବଦେବୀଙ୍କ ପୀଠ ସମେତ ଶହିଦ ପୀଠ ପରିଦର୍ଶନ କରିଥିଲେ । ମନ୍ତ୍ରୀ ଅପରାହ୍ନରେ ଭଦ୍ରକରେ ପହଞ୍ଚି ଭଦ୍ରକାଳୀ ପୀଠକୁ ଯାଇ ମାଆ ଭଦ୍ରକାଳୀଙ୍କୁ ଦର୍ଶନ କରିଥିଲେ । ସେଠାରେ ମାଆ ଭଦ୍ରକାଳୀପୀଠର ସେବାୟତମାନଙ୍କ ସହିତ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ମନ୍ତ୍ରୀ ଅନ୍ନପାଳ ହୋଇ ଲୁଣିଆ ଶହିଦ ପୀଠକୁ ଯାଇ ଶହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରୁ ମନ୍ତ୍ରୀ ଆରଡି ପୀଠକୁ ଯାଇଥିଲେ । ବାବା ମଣିଙ୍କୁ ପୂଜାର୍ଚ୍ଚନା କରିବା ସହିତ ସେଠାରେ ସେବାୟତଙ୍କୁ ଭେଟି ପୀଠର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ମନ୍ତ୍ରୀ ଶେଷରେ ଭଦ୍ରକକୁ ଫେରିବା ରାସ୍ତାରେ ସାତଭଉଣୀ ମନ୍ଦିରକୁ ମଧ୍ୟ ଯାଇ ଦର୍ଶନ କରିଥିଲେ । ପରେ ପାନ୍ଥିକା ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନବ ନିର୍ମିତ ପାନ୍ଥିକା ଗୃହର ମାନ ସମ୍ପର୍କରେ ପଚାରି ବୁଝିବା ପରେ ଜିଲ୍ଲାରେ ଥିବା ସମସ୍ତ ଦେବଦେବୀଙ୍କ ପୀଠ ସହିତ ଶହିଦ ପୀଠର ଉନ୍ନତିକରଣ ସମ୍ପର୍କରେ ଜିଲ୍ଲାପାଳ ଜ୍ଞାନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସହିତ ଆଲୋଚନା କରିଥିଲେ । ପୀଠଗୁଡିକର ବିକାଶ ସହିତ ପୀଠକୁ ଅଧିକରୁ ଅଧିକ ପର୍ଯ୍ୟଟକମାନଙ୍କ ଆସିବା ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ ଜିଲ୍ଲାପାଳ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଛତ୍ରପୁର କିନ୍ନର ସଂଘ ପକ୍ଷରୁ ସାବିତ୍ରି ବ୍ରତ ପାଳିତ



**ଛତ୍ରପୁର,୪।୬(ନି.ପ୍ର) :** ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ସଧବା ନାରୀମାନେ ଉପବାସ ରହି ସାବିତ୍ରୀ ଦେବୀଙ୍କ ପୂଜା କରିଥାନ୍ତି । ଏହି ବ୍ରତ କରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଥାନ୍ତି। ଏନେଇ ଛତ୍ରପୁର କିନ୍ନରମାନେ ମଧ୍ୟ ଏହି ପୂଜା କରିବାକୁ ପଛେଇ ନାହାନ୍ତି। ଗଞ୍ଜାମ ଛତ୍ରପୁର କିନ୍ନର ସଂଘର ସଭାନେତ୍ରୀ ରେଖାରାଣୀ ନାୟକଙ୍କ ନେତୃତ୍ୱରେ ସହରରେ ଥିବା ୧୦ରୁ ଉର୍ଦ୍ଧ କିନ୍ନିରମାନେ ମଧ୍ୟ ଏହି ସାବିତ୍ରୀ ଅମବାସ୍ୟା ବ୍ରତ ପାଳନ କରିଛନ୍ତି। ସେମାନେ ଉପବାସ ରହି ବିରେଶ୍ୱର ମନ୍ଦିରରେ ଏକ ନିଆରା ଢଙ୍ଗରେ ଏହି ବ୍ରତପାଳନ କରିଥିଲେ। ପ୍ରତିବର୍ଷ ସେମାନେ ଏହି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିରେ କିନ୍ନର ଅନରକଲି କିନ୍ନର, ସରସ୍ୱତୀ କିନ୍ନର, ମୀରା କିନ୍ନର, ଅର୍ଚ୍ଚିତା କିନ୍ନର ପ୍ରମୁଖ ସାମିଲ ଥିଲେ।

## ପାନୀୟ ଜଳ ଯୋଗାଣ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

**ଛତ୍ରପୁର,୪।୬(ନି.ପ୍ର) :** ଛତ୍ରପୁର ବ୍ଲକ କାଳିପଲ୍ଲି ପଚାଂୟତ ଅଧିନ ପି.ଲକ୍ଷ୍ମୀପୁର ମାଁ ମୁତ୍ୟାଲାମ୍ମା ଗ୍ରାମ୍ୟ କମିଟି ପକ୍ଷରୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ସ୍ମାରକପତ୍ର ଜିଲାପାଳଙ୍କ ପ୍ରଦାନ କରିଛନ୍ତି। ଗ୍ରାମରେ ଲୋକମାନଙ୍କୁ ସୁଦ୍ଧ ପାନୀୟ ଜଳ ନମିଳିବାରୁ ଗ୍ରାମର ଲୋକମାନେ ନଳକୂପ ପାଣୀ ପିଇ କିଛି ବର୍ଷ ହେଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଉକ୍ତ ପଚାଂୟତ ଦେଇ ଋଷିକୁଲ୍ୟା ନଦୀରୁ ଗୋପାଳପୁର ଏନ୍ଏସି କୁ ପାନୀୟ ଜଳ ଯୋଗାଣ କରାଯାଉଛି। ତେଣୁ ଆମ୍ଭ ଗ୍ରାମରେ ପାନୀୟ ଜଳ ଯୋଗାଣ ସୁବିଧା କରିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଦାବୀ କରାଯାଇଛି।

## ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗରେ ଚିଟ୍‌ଫଣ୍ଡ ଅଧିକାରୀ ଥାନାରେ ଅଟକ

**ଜଗତସିଂହପୁର,୪।୬(ନିପ୍ର):** ଜଗତସିଂହପୁର ଜିଲ୍ଲାରେ ରିଲାଇଟ ଚିଟଫଣ୍ଡ କାରବାର କରି ଲୋକମାନଙ୍କୁ ପ୍ରଚୁର ଅର୍ଥର ଲାଳସା ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବାନେଇ ଜଗତସିଂହପୁରଥାନାରେ ଜଣେ ଅଟକ ଥିବା ସୂଚନା ମିଳିଛି। ଗତକାଲି ନିହାର ରଂଜନ ମହାନ୍ତି ନାମକ ଜଣେ ବ୍ୟକ୍ତି ସ୍ଥାନୀୟ ପାଟେଣୀଗାଁରେ ରିଲାଇଟ୍ ସଂସ୍ଥାଠାରୁ ଏବେ ଆଉ ଏକ ସଂସ୍ଥା ନୂଆ ଆସିଛି ସେଥିରେ ଅର୍ଥବିନିଯୋଗ କଲେ ଚାରିଗୁଣା ଲାଭ ହେବା ସହିତ ବିଭିନ୍ନ ଆକର୍ଷଣୀୟ ଅଫର ଥିବା ବୁଝାଉଥିବା ବ୍ୟକ୍ତ ନିହାର ପୂର୍ବରୁ ଜଗତସିଂହପୁର ଜିଲ୍ଲାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ପୁଣି ଆସି ଲୋକମାନଙ୍କୁ ବୁଝାଉଥିବା ସମୟରେ ଲୋକମାନେ ଉତ୍ୟକ୍ତ ହୋଇ ଚିଟଫଣ୍ଡ କାରୀ ନିହାରକୁ ଜଗତସିଂହପୁର ଥାନାରେ ଜିମା ଦେଇଥିଲେ। ଜଗତସିଂହପୁର ପୋଲିସ ନିହାରକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଏପରିକି ନିରିହ ଲୋକ ମାନେ କମଟଙ୍କା ଦେଇ ଅଧିକ ଲାଭପାଇବା ଆଶାରେ ବହୁ ଟଙ୍କା ଉକ୍ତ ସଂସ୍ଥାରେ ଜମାଦେଇଥିବା ପ୍ରକାଶ କରିଥିଲେ।

# ଡାକ୍ତରଖାନାରେ ଦୁର୍ନୀତିର ତଦନ୍ତ ପାଇଁ ଡାକ୍ତର, କର୍ମଚାରୀଙ୍କ ବନ୍ଦ ଡାକରା

**ମନ୍ଥନର ପ୍ରଭାବ**

**ଢେଙ୍କାନାଳ,୪।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରାଜ୍ୟ ସରକାରଙ୍କ ବିନା ନିର୍ଦ୍ଦେଶ କ୍ରମେ ସହର ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ନିର୍ମାଣ କରା ଯାଇଥିବା ଅସୁରକ୍ଷିତ ବିଲ୍ଡିଂକୁ ଜିଲ୍ଲାପାଳ ନିଖିଲ୍ ପୱନ କଲ୍ୟାଣ ରାତି ଅଧିଆ ଉଠାଇ ନେଇ ରୋଗୀସେବା ଆରମ୍ଭ କରିବା ଯୋଗୁଁ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସାଧାରଣ ରୋଗୀଙ୍କ ଠାରୁ ଆରମ୍ଭ କରି ଗୁରୁତର ଅସୁସ୍ଥ ରୋଗୀ ମାନଙ୍କୁ ବାପାରାଣ ଢିଙ୍କିଗିଲି ନ୍ୟାୟରେ ବିଭିନ୍ନ ଯାନବାହାନ ଦ୍ୱାରା ଅଚାନକ ଉଠାଇ ନେଇ ନୂତନ ଅସୁରକ୍ଷିତ ବିଲ୍ଡିଂରେ ସେମାନଙ୍କୁ ଚିକିତ୍ସା କରାଇବା ଯୋଗୁଁ ରୋଗୀ ଏବଂ ତାଙ୍କର ଆଟେଣ୍ଡାଣ୍ଟ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାରୁ ଜନ ଅସନ୍ତୋଷ ଦେଖାଦେଇ ଆନ୍ଦୋଳନ ହୋଇଥିଲା । ସମସ୍ତ ଘଟଣାକୁ କେନ୍ଦ୍ରକରି ଢେଙ୍କାନାଳରେ ଜିଲ୍ଲାପାଳଙ୍କ ମେରି ରାୟ ନୀତି ଚାଲିଛି ବୋଲି ସାଧାରଣରେ ଆଲୋଚନା ହୋଇଥିଲା । ବିଶେଷ କରି ସରକାରଙ୍କ ବିନା ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବା ସହିତ ଅନୁରୂପ ଭାବେ ବିନା ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇ କାର୍ଯ୍ୟାଳୟର ସମସ୍ତ ସାମଗ୍ରୀକୁ ସରକାରୀ ଆମ୍ବୁଲାନ୍ସରେ ନୂତନ ବିଲ୍ଡିଂକୁ ନିଆ ଯାଇଥିଲେ ମଧ୍ୟ ଭଡା ଗାଡିରେ ସାମଗ୍ରୀ ନିଆ ଯାଇଥିବା ଦର୍ଶାଇ ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରା ଯାଇଥିଲା । ସ୍ଥାନାନ୍ତର ସମୟରେ କାର୍ଯ୍ୟରତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅବସର ଗ୍ରହଣ ପରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ନିରଞ୍ଜନ ମିଶ୍ର ଯୋଗଦେଇ ସମସ୍ତ ଘଟଣାର ଖୋଳତାଡ୍ ଆରମ୍ଭ କରି ଦେଇଥିଲେ । ଖୋଳତାଡ୍ ଆରମ୍ଭ ହେବାରୁ ଏ ସମସ୍ତ ବେ-ନିୟମ କାର୍ଯ୍ୟ ସମେତ ଜିଲ୍ଲାରେ ହୋଇଥିବା ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନାରେ ବ୍ୟାପକ ଅନିୟମୀତତା ଏବଂ ଏହି ଅନିୟମୀତତାରେ ସମ୍ପୃକ୍ତ ଥିବା ଜଣେ ଠିକା କର୍ମଚାରୀ ମିଥ୍ୟା ବିକଳାଙ୍ଗ ପ୍ରମାଣପତ୍ର ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିବା ଜଣା ପଡିବାରୁ ଏହାର ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମିଶ୍ର ଉଚ୍ଚ ସ୍ତରୀୟ ତଦନ୍ତ ଦାବୀ କରିବା ସହିତ ଅଡିଟ୍ ନିର୍ଦ୍ଦେଶ ଦେଇ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ । ଏହାପରେ ଗତ କିଛି ଦିନ ପୂର୍ବେ ଢେଙ୍କାନାଳରେ ଭିଜିଲାନ୍ସ ଡି.ଏସ୍.ପି ପହଁଚି ତଦନ୍ତ କରିବା ସହିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତନଖି କରିଥିଲେ । ତନଖି ସମୟରେ ସମ୍ପୃକ୍ତ ଠିକା କର୍ମଚାରୀଙ୍କ କଳା କାରନାମା ଜଣା ପଡିବାରୁ ତାଙ୍କୁ ବଦଳୀ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭିଜିଲାନ୍ସ ଡି.ଏସ୍.ପି ପରାମର୍ଶ ଦେଇଥିଲେ । ଭିଜିଲାନ୍ସ ଡି.ଏସ୍.ପିଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ଠିକା କର୍ମଚାରୀଙ୍କୁ ବଦଳୀ କରାଯିବା ପରେ ବଦଳୀ ବାତିଲ୍ କରିବା ପାଇଁ ଡଃ ମିଶ୍ରଙ୍କ ଉପରେ ଜିଲ୍ଲାପାଳ ଚାପ ପ୍ରୟୋଗ କରିବା ଏବଂ ଡଃ ମିଶ୍ର ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁଁ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । କେବଳ ସେତିକି ନୁହଁ ବିନା ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ଏବଂ ସେଥିରେ ହୋଇଥିବା ଘୋଟାଲା ତଥା ବ୍ୟାପକ ଅନିୟମୀତତା ଯୋଗୁଁ ଭିଜିଲାନ୍ସର ଖୋଳତାଡ ଆରମ୍ଭ ହେଲେ ଜିଲ୍ଲାପାଳ ଫସିଯିବା ଭୟରେ ଡଃ ମିଶ୍ରଙ୍କ ଉପରେ ଜିଲ୍ଲାପାଳ ଚାପ ପ୍ରୟୋଗ କରିବାରୁ ଢେଙ୍କାନାଳରେ ଜିଲ୍ଲାପାଳଙ୍କ ମେରି ରାୟ ନୀତି ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଥିଲା । ଏପରିକି ପୁରୁଣା ଡାକ୍ତରଖାନା ପରିସରରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଡଃ ମିଶ୍ରଙ୍କ ଉପରେ ଜିଲ୍ଲାପାଳ ଚାପ ପ୍ରୟୋଗ କରି ସ୍ଥାନାନ୍ତର କରା ନ ଗଲେ କାର୍ଯ୍ୟାଳୟକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେବେ ବୋଲି ଜିଲ୍ଲାପାଳ ଧମକ ଦେଇଥିଲେ । ସେହିଭଳି ବିନା ସରକାରୀ ନିର୍ଦ୍ଦେଶରେ ସ୍ଥାନାନ୍ତର କରା ଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ପୁନର୍ବାର ପୁରୁଣା ସ୍ଥାନକୁ ଫେରାଇ ଆଣିବା ପାଇଁ ଡଃ ମିଶ୍ର ମସୁଧା କରିବାରୁ ତାଙ୍କୁ ଜିଲ୍ଲାପାଳ ଧମକ ଦେବା ସହିତ ଏଠାରୁ ବଦଳୀ କରିଦେବା ପାଇଁ ତୃତୀୟ ମହଲାର ସହଯୋଗ ଲୋଡିଥିଲେ । ଏ ସମ୍ପର୍କରେ ଏକମାତ୍ର ଦୈନିକ ମନ୍ଥନରେ ଖବର ପ୍ରକାଶ ପାଇବାରୁ ଜନ ଆନ୍ଦୋଳନର ଡାକରା ଦ୍ୱିଗୁଣିତ ହେବା ସହିତ ଡାକ୍ତର, ଷ୍ଟାଫ୍ ନର୍ସ ଏବଂ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ସରଗରମ ହୋଇଥିଲା । ବିଶେଷ କରି ଜିଲ୍ଲାରେ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବେ ନିର୍ଭିକତାର ସହିତ ଜନ ସାଧାରଣଙ୍କ ପାଇଁ ଡଃ ମିଶ୍ର କାର୍ଯ୍ୟ କରୁଥିବାରୁ ତାଙ୍କ ଉପରେ ଜିଲ୍ଲାପାଳଙ୍କ ବେ-ଆଇନ ଚାପ ଯୋଗୁଁ ଜନ ଅସନ୍ତୋଷ ଦେଖା ଦେଇଥିବା ଅବସରରେ ସଚ୍ଚୋଟ ଭାବେ କାର୍ଯ୍ୟ କରୁଥିବା ଡଃ ମିଶ୍ରଙ୍କ ପାଇଁ ଡାକ୍ତର, ଷ୍ଟାଫ ନର୍ସ ଏବଂ କର୍ମଚାରୀ ମାନେ ଏକାଠି ହୋଇ ଡାକ୍ତରଖାନାରେ ହୋଇଥିବା ଦୁର୍ନୀତିର ତଦନ୍ତ ତଥା ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବୀପତ୍ର ପ୍ରଦାନ କରିଛନ୍ତି । ନିରପେକ୍ଷ ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅବହେଳା ପ୍ରଦର୍ଶନ କରାଗଲେ ଆଗାମୀ ସପ୍ତାହରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ଡଃ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡଃ ବିଦ୍ୟୁତ୍ କୁମାର ନନ୍ଦ, ଡଃ ସଂକଳ୍ପ କେଶରୀ ଭୋଳ, ଡଃ ଶାନ୍ତି ନିବେଦିକାଙ୍କ ସମେତ ଷ୍ଟାଫ୍ ନର୍ସ ଏବଂ କର୍ମଚାରୀମାନେ ଚେତାବନୀ ଦେଇ ମୁଖ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନକଲ ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଯେ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିନା ନିର୍ଦ୍ଦେଶରେ ସହର ମଧ୍ୟସ୍ଥ ବାଜିଚୌକ ଛକ ଠାରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହଠାତ୍ ସ୍ଥାନାନ୍ତର କରାଯାଇ ପରିବହନ ଖର୍ଚ୍ଚ ବାବଦରେ ଡାକ୍ତରଖାନା ସ୍ଥାନାନ୍ତର ପାଇଁ ୫୦ ଲକ୍ଷ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ୨୦ ଲକ୍ଷ ଟଙ୍କାର ବିଲ୍ କରା ଯାଇଥିଲା । ତତ୍କାଳୀନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ବଦଳି ପରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଭାବେ ଡଃ ମିଶ୍ର ଯୋଗଦାନ କରି ଘଟଣାର ଖୋଳତାଡ୍ ପରେ ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅର୍ଥ ହଡପ ହୋଇଥିବା ସେହି ଅଡିଟରୁ ଜଣା ପଡିବା ପରେ କ୍ରାଇମ୍ ବ୍ରାଂଚ ତଦନ୍ତ ପାଇଁ ଡଃ ମିଶ୍ର ଜଣାଇଥିଲେ । କ୍ରାଇମ୍ ବ୍ରାଂଚ ଡି.ଏସ୍.ପି ପହଁଚି ତଦନ୍ତ କରିବା ସହିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଂଚ କରି ସମ୍ପୃକ୍ତ ଠିକା କର୍ମଚାରୀଙ୍କୁ ବଦଳି ପାଇଁ ପରାମର୍ଶ ଦେଇଥିଲେ । ପରାମର୍ଶ କ୍ରମେ ସମ୍ପୃକ୍ତ ଠିକାଦାରଙ୍କୁ ଡଃ ମିଶ୍ର ବଦଳି କରିବାରୁ ବଦଳିକୁ ବାତିଲ କରିବା ପାଇଁ ଡଃ ମିଶ୍ରଙ୍କ ଉପରେ ଜିଲ୍ଲାପାଳ ଚାପ ପ୍ରୟୋଗ କରିଥିଲେ । ଗଠନ ମୂଳକ ଭାବେ ଜିଲ୍ଲାରେ ଡଃ ମିଶ୍ର କାର୍ଯ୍ୟ କରୁଥିବାରୁ ତାଙ୍କ ଉପରେ ଜିଲ୍ଲାପାଳଙ୍କ ଚାପ ଯୋଗୁଁ ଜନ ଅସନ୍ତୋଷ ଦେଖାଦେବା ସହିତ ଡାକ୍ତର, ଷ୍ଟାଫ୍ ନର୍ସ ଏବଂ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଅନ୍ୟପକ୍ଷେ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଗଠନ ମୂଳକ କାର୍ଯ୍ୟ ପାଇଁ କାର୍ଯ୍ୟ କରୁଥିବା ଡଃ ମିଶ୍ରଙ୍କୁ ସହଯୋଗ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୁର୍ନୀତି ମୁକ୍ତ କରିବା ଏବଂ ଏହାକୁ ଏକ ଆଦର୍ଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ଡଃ ମିଶ୍ରଙ୍କୁ ସମସ୍ତ ଡାକ୍ତର, ଷ୍ଟାଫ୍ ନର୍ସ ଏବଂ କର୍ମଚାରୀ ମାନେ ସହଯୋଗ କରିବାକୁ ଅଣ୍ଟା ଭିଡିବାରୁ ସେମାନଙ୍କ ପ୍ରତି ଜନ ସାଧାରଣଙ୍କ ବିପୁଳ ସମର୍ଥନ ଯୋଗୁଁ ଜିଲ୍ଲାରେ ମେରି ରାୟ ଚଳାଇଥିବା ଜିଲ୍ଲାପାଳଙ୍କ ତୁରନ୍ତ ବଦଳି ପାଇଁ ସର୍ବଦଳୀୟ ଆନ୍ଦୋଳନ ମୁଣ୍ଡ ଟେକୁଛି । ଏଠାରେ ବିଶେଷ ସୂଚନା ଯୋଗ୍ୟ ଯେ,ରାତିଅଧିଆ ରୋଗୀମାନଙ୍କୁ ଉଠାଇ ନେଇ ନୂତନ ବିଲ୍ଡିଂରେ ରୋଗୀସେବା ଆରମ୍ଭ କରାଯିବା ପରଠାରୁ ରୋଗୀ ଆତ୍ମହତ୍ୟା, ରୋଗୀ ଶୋଷଣ ଏବଂ ବିଭିନ୍ନ ଅନିୟମୀତତା କାର୍ଯ୍ୟ ଯୋଗୁଁ ଦୁର୍ନାମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଉବୁଟୁବୁ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ବାବଦରେ ଅର୍ଥ ହଡପ ତଥା ସୁନେତ୍ର ଯୋଜନାରେ କୋଟି କୋଟି ଟଙ୍କା ହଡପ ଘଟଣାର ଚେର ବହୁତ ଗଭୀରକୁ ଲମ୍ବିଥିବା ବେଳେ ଡଃ ମିଶ୍ରଙ୍କ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଯାଇଛି । ସମସ୍ତ ଦୁର୍ନୀତିରେ ସମ୍ପୃକ୍ତ ଥିବା ସେହି ଠିକା କର୍ମଚାରୀଙ୍କୁ ଭିଜିଲାନ୍ସ ଡି.ଏସ୍.ପିଙ୍କ ପରାମର୍ଶ କ୍ରମେ ଡଃ ମିଶ୍ର ବଦଳୀ କରିବାରୁ ତାଙ୍କ ଉପରେ ଜିଲ୍ଲାପାଳ ଚାପ ପ୍ରୟୋଗ କରିବା ଯୋଗୁଁ ଡଃ ମିଶ୍ର ଛୁଟିରେ ଯିବା ପାଇଁ ସ୍ଥିର କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ, ଉପରିସ୍ଥ ଅଧିକାରୀ ଏବଂ ସହଯୋଗିଙ୍କ ସହିତ ଆଲୋଚନା କରିଛନ୍ତି । ଜିଲ୍ଲାବାସୀଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ୫୦ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଅସୁରକ୍ଷିତ ବିଲ୍ଡିଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇ ଗତ ବର୍ଷ ମେ ମାସ ୨୬ ତାରିଖ ଦିନ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରା ଯାଇଥିଲା । ରାଜ୍ୟ ସରକାରଙ୍କ ବିନା ନିର୍ଦ୍ଦେଶରେ ଅତି ତରବରିଆ ଭାବେ ସ୍ୱଳ୍ପ ଦିନ ମଧ୍ୟରେ ପୁରୁଣା ମୁଖ୍ୟ ଚିକିତ୍ସାଳୟରୁ ରୋଗୀଙ୍କ ସମେତ ସମସ୍ତ ଆସବାବ ପତ୍ର ଉଠାଇ ନିଆ ଯାଇଥିଲା । ଏ ସମସ୍ତ ଘଟଣାରେ ହୋଇଥିବା ଦୁର୍ନୀତିକୁ ଚପାଇ ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁଚିନ୍ତିତ ଯୋଜନା କରା ଯାଇଥିଲା । ମାତ୍ର ଡଃ ମିଶ୍ରଙ୍କ ଯୋଗଦାନ ପରଠାରୁ ଖୋଳତାଡ୍ ଆରମ୍ଭ ହୋଇ ସମସ୍ତ ଅନିୟମୀତତା ଜଣା ପଡିବା ପରେ ଡଃ ମିଶ୍ର ଏହାର ଅଡିଟ୍ ନିର୍ଦ୍ଦେଶ ଦେଇ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ । ଯଦ୍ୱାରା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତନଖି କରାଯିବା ସହ ସମସ୍ତ ଅନିୟମୀତତାରେ ସମ୍ପୃକ୍ତ ଥିବା ସେହି ଠିକା କର୍ମଚାରୀଙ୍କୁ ବଦଳୀ କରିବା ପାଇଁ ଭିଜିଲାନ୍ସ ବିଭାଗର ପରାମର୍ଶ କ୍ରମେ ଡଃ ମିଶ୍ର ବଦଳୀ କରିବାରୁ ଜିଲ୍ଲାପାଳଙ୍କ ରୋଷର ଶିକାର ହୋଇଥିଲେ । ଏକପକ୍ଷେ ଜିଲ୍ଲାପାଳଙ୍କ ଚାପ ଅନ୍ୟପକ୍ଷେ ସି.ଡି.ଏମ୍.ଓ ନିଜ ଜିଦ୍‌ରେ ଅଟଳ ରହିବା ଯୋଗୁଁ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ଜିଲ୍ଲାପାଳ ଅଡୁଆରେ ପଡି ଯାଇଛନ୍ତି । ଯଦ୍ୱାରା ପରିସ୍ଥିତି ସଙ୍ଗିନ ହେବାରୁ ଏଠାରେ ନିସ୍ୱାର୍ଥପର ଭାବେ କାମ କରିବା ମୁସ୍କିଲ୍ ବୋଲି ଡଃ ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରି ଛୁଟିରେ ଯିବାପାଇଁ ସ୍ଥିର କରିବା ଘଟଣା ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ସମସ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜନ ସାଧାରଣରୁ ଦାବୀ ହୋଇଥିଲା ।



# ପାଞ୍ଚ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ନିକଟରେ ଭିମ ପେମେଣ୍ଟବ୍ୟାଙ୍କ ଉପଲବ୍ଧ

**ଭୁବନେଶ୍ୱର,୪।୬(ନି.ପ୍ର):** ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଭାରତରେ ୫୦୦,୦୦୦ରୁ ଅଧିକ ବ୍ୟବସାୟୀ ମାନଙ୍କ ସହ ମିଶି ଭିମ ୟୁପିଆଇ ଭତ୍ତିକ ପେମେଣ୍ଟ ସୁବିଧା କାର୍ଯ୍ୟକ୍ଷମର ଘୋଷଣା କରିଛି। ଯାହା ଦ୍ୱାରା ଗ୍ରାହକ ମାନେ ସେମାନଙ୍କ ଦ୍ରବ୍ୟ ଏବଂ ସେବାର ପେମେଣ୍ଟ ପାଇଁ ସେମାନଙ୍କ ମୋବାଇଲ ଫୋନରେ ଯେକୌଣସି ଭିମ ୟୁପିଆଇ ଭତ୍ତିକ ବ୍ୟାଙ୍କ ଏବଂ ପେମେଣ୍ଟ ଆପରେ ପ୍ରଦାନ କରିପାରିବେ । ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ବ୍ୟବସାୟୀ ମାନଙ୍କ ପାଇଁ ପେମେଣ୍ଟ ସମାଧାନ ଗ୍ରାହକ ମାନଙ୍କୁ ସେମାନଙ୍କ ମୋବାଇଲ ଫୋନରୁ ଅତିଶିଘ୍ର ବିନା କ୍ୟାସରେ ପେମେଣ୍ଟ କରିବାର ସୁବିଧା ପ୍ରଦାନ କରୁଛି । ଯାହାକି ଗ୍ରାହକମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ମର୍ଚ୍ଚାଣ୍ଟ କ୍ୟୁଆର କୋଡ଼ ସ୍କାନକରି ସେମାନଙ୍କର ପସନ୍ଦର ଭିମ ୟୁପିଆଇ ଭତ୍ତିକ ଆପ୍ ମାଧ୍ୟମରେ ପ୍ରଦାନ କରିପାରିବେ । ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ଉପଭୋକ୍ତାମାନେ ଆହୁରି ମଧ୍ୟ ସେମାନଙ୍କର ଏୟାରଟେଲ ଥ୍ୟାଙ୍କସ ଆପ୍ ବ୍ୟବହାରକରି ସେଭିଂ ବ୍ୟାଙ୍କ ଆକାଉଣ୍ଟ କିମ୍ବା ୱାଲେଟ ମାଧ୍ୟମରେ ଉକ୍ତ କ୍ୟୁଆର ବ୍ୟବହାର କରିପାରିବେ।

ଏହି ପରିପ୍ରେକ୍ଷୀରେ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁବାତ୍ରା ବିଶ୍ୱାସ କହିଛନ୍ତିଯେ, ନ୍ତଆମ୍ଭେମାନେ ଉଭୟ ଗ୍ରାହକ ଏବଂ ବ୍ୟବସାୟୀ ମାନଙ୍କ ସୁବିଧାକୁ ଦୃଷ୍ଟିରେରଖି ଏକ କ୍ୟାସଲେସ ଭାରତୀୟ ଅର୍ଥନିତୀ ଗଢିବା ପାଇଁ ପ୍ରତିଶୃତିବଦ୍ଧ । ଆମ୍ଭେମାନେ ଏନପିସିଆଇ ସହିତ ସହବନ୍ଧିତହୋଇ ଭାରତରେ ଲକ୍ଷ ଲକ୍ଷ ବ୍ୟବସାୟୀ ମାନଙ୍କ ପାଇଁ ଭିମ୍ ୟୁପିଆଇ ଭତ୍ତିକ ପେମେଣ୍ଟ ସମାଧାନ ଆଣିଥିବାରୁ ଅତ୍ୟନ୍ତ ଉତ୍ସାହିତ, ଯାହାକି ସୁରକ୍ଷିତ ଡ଼ିଜିଟାଲ ପେମେଣ୍ଟ ପ୍ରଦାନ କରିଥାଏ ।

ଏହି ଅବସରରେ ଏନପିସିଆଇ ପକ୍ଷରୁ ଏହାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଦିଲିପ୍ ଆଶବେ କହିଛନ୍ତିଯେ, ନ୍ତଆମ୍ଭେମାନେ ଭିମ୍ ୟୁପିଆଇ ଭିତ୍ତିକ ପେମେଣ୍ଟ ସମାଧାନ ପାଇଁ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସହିତ ସହଯୋଗୀତାକୁନେଇ ଅତ୍ୟନ୍ତ ଆନନ୍ଦିତ । ଏହା ଦେଶର ପ୍ରତ୍ୟେକ ନାଗରିକଙ୍କୁ ଡ଼ିଜିଟାଲ ପେମେଣ୍ଟ ସୁବିଧା ପ୍ରଦାନ କରିବା ଲକ୍ଷ୍ୟକୁ ଆମ୍ଭମାନଙ୍କୁ ଆହୁରୀ ନିକଟତର କରାଇପାରିଛି । ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ ସହିତ ଆମର ସହଯୋଗୀତା ବଳରେ ବର୍ତ୍ତମାନ ୫ ଲକ୍ଷ୍ୟରୁ ଅଧିକ ଅ୍ଫଲାଇନ ବ୍ୟବସାୟୀମାନେ ୟୁପିଆଇ କ୍ୟୁଆର କୋଡ଼ ମାଧ୍ୟମରେ ପେମେଣ୍ଟ ଗ୍ରହଣ କରିବାକୁ ଯାଉଛନ୍ତି ।

# ଭାରତୀ ଏକ୍ସା ଲାଇଫ୍ ଇନ୍ସୁରାନ୍ସର ନୂତନ ବ୍ୟବସାୟ ଆୟ ୯୧୧କୋଟି ଟଙ୍କା

**ଭୁବନେଶ୍ୱର,୪।୬(ନି.ପ୍ର):** ଭାରତର ଏକ ଅଗ୍ରଣୀ ବ୍ୟବସାୟ ଗୃପମାନଙ୍କ ମଧ୍ୟରୁ ଅନ୍ୟତମ, ଭାରତୀ ଏଣ୍ଟରପ୍ରାଇଜେସ୍ ଏବଂ ବିଶ୍ୱର ଏକ ବୃହତ ଇନ୍ସୁରାନ୍ସ କମ୍ପାନୀ ଭାବରେ ପରିଚିତ ଏକ୍ସାର ମିଳିତ ଉଦ୍ୟମରେ ଗଠିତ ଭାରତୀ ଏକ୍ସା ଲାଇଫ୍ ଇନ୍ସୁରାନ୍ସ ଆଜି ପ୍ରକାଶ କରିଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଏହାର ୯୧୧ କୋଟି ଟଙ୍କା ସହିତ ୨୫% ଅଭିବୃଦ୍ଧି ଘଟିଛି। ଗତ ବିତ୍ତିୟ ବର୍ଷରେ ଏହାର ମୂଲ୍ୟ ୭୩୧ କୋଟି ଟଙ୍କା ରହିଥିଲା।

ଆର୍ଥିକ ବର୍ଷ ଶେଷରେ ମାର୍ଚ୍ଚ ୩୧, ୨୦୧୯ରେ ବାର୍ଷିକ ନୂତନ ବ୍ୟବସାୟ ପ୍ରିମିୟମ ୬୪୦ କୋଟି ଟଙ୍କା ସହିତ ୩୧%କୁ ବୃଦ୍ଧି ପାଇଛି, ଯେବେକି ୨୦୧୭-୧୮ରେ ଏହା ୪୮୯ କୋଟି ଟଙ୍କା ଥିଲା। ୨୦୧୮-୧୯ ବିତ୍ତିୟରେ କମ୍ପାନୀ ରିନ୍ୟୁଆଲ୍ ପ୍ରିମିୟମରେ ୧,୧୬୪ କୋଟି ଟଙ୍କା ସହିତ ୨୨%କୁ ଅଭିବୃଦ୍ଧି ହୋଇଥିବା ପିକରଣ କରିଛି, ଯେବେକି ୨୦୧୭-୧୮ରେ ଏହା ୯୫୪ କୋଟି ଟଙ୍କା ଥିଲା। ଆର୍ଥିକ ବର୍ଷ ୨୦୧୮-୧୯ରେ ମୋଟ ପ୍ରିମିୟମରେ ୨,୦୭୬ କୋଟି ଟଙ୍କା ସହିତ ୨୩%କୁ ବୃଦ୍ଧ ଘଟିଛି, ଯେବେକି ବର୍ଷକ ପୂର୍ବରୁ ଏହି ବିତ୍ତିୟରେ ଏହା ୧,୬୮୪ କୋଟି ଟଙ୍କା ରହିଥିଲା।

ଶ୍ରୀଯୁକ୍ତ ବିକାଶ ସେଠ୍, ପରିଚାଳନା



ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭାରତୀ ଏକ୍ସା ଲାଇଫ୍ ଇନ୍ସୁରାନ୍ସ ପ୍ରକାଶ କରିଛନ୍ତି, ନ୍ତିଆର୍ଥିକ ବର୍ଷ ୨୦୧୮-୧୯ରେ ସମସ୍ତ ମୁଖ୍ୟ ବ୍ୟବସାୟର ପାରାମିଟର ଗୁଡ଼ିକରେ ଆମେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିଛୁ। ମୋଟ ଉପରେ ବୃଦ୍ଧି ଗତ ବିତ୍ତିୟରେ ଉଭୟ ଉଚ୍ଚତର ନୂତନ ବ୍ୟବସାୟ ସହିତ ଉତ୍ତମ ରିନ୍ୟୁଆଲ୍ ସଂଗ୍ରହ ଦ୍ୱାରା ସମ୍ଭବ ହୋଇଛି। ଆମ ଗ୍ରାହକମାନେ ମଧ୍ୟ ଆମ ଉପରେ ସେମାନଙ୍କ ବିଶ୍ୱାସକୁ ବଜାୟ ରଖିଛନ୍ତି, ଯାହା ରିନ୍ୟୁଆଲ୍ ପ୍ରିମିୟମ୍ ଆୟରେ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିରେ ପ୍ରତିଫଳିତ ହୋଇଛି। ଆମର ଗତ ଆର୍ଥିକ ବର୍ଷରେ ଏକ ଦୃଢ଼ ବ୍ୟବସାୟ ପ୍ରଦର୍ଶନତା ସହିତ ଜୀବନ ବୀମା ଉଦ୍ୟୋଗ ମାନଙ୍କଠାରୁ ଦୃତ ଅଭିବୃଦ୍ଧି ହୋଇଛି ଏବଂ ଆମେ ନିଶ୍ଚିତ ଯେ, ଏହି ଆର୍ଥିକ ବର୍ଷରେ ଆମେ ଆକର୍ଷଣୀୟ ଅଭିବୃଦ୍ଧି ପ୍ରଦର୍ଶନ କରିବୁ।

ମାର୍ଚ୍ଚ ୩୧, ୨୦୧୯ରେ ପରିଚାଳନା ଅଧିନର ସମ୍ପତିରେ ୨୦୧୭-୧୮ର ୪,୪୯୬ କୋଟି ଟଙ୍କାରୁ ୨୭% ବୃଦ୍ଧି ଘଟି ୫,୬୯୯ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ରେ କମ୍ପାନୀ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କକୁ ବୃଦ୍ଧି କରିବା ପାଇଁ ଦେଶରେ ୫୦ଟି ନୂଆ ଶାଖା ଯୋଗ କରି ୨୩୬ଟି ଶାଖା ସୃଷ୍ଟି କରିଛି, ଯାହାକି ୨୦୧୭-୧୮ରେ ଥିବା ୧୮୬ ଶାଖା ଉପରେ ୨୭ ପ୍ରତିସତ ଅଭିବୃଦ୍ଧିକୁ ଦର୍ଶାଉଛି।

# ସିନ୍ଧୁ ନଦୀର ବିରଳ ଡଲ୍ଫିନର ସଂରକ୍ଷଣ ପାଇଁ ଡିବିସି ବ୍ୟାଙ୍କ ଓ ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ମଧ୍ୟରେ ସହଯୋଗିତା

**ଭୁବନେଶ୍ୱର,୪।୬(ନି.ପ୍ର):** ସିନ୍ଧୁ ନଦୀର ବିରଳ ପ୍ରାୟ ଡଲଫିନର ସଂରକ୍ଷଣ ପାଇଁ ଡିସିବି ବ୍ୟାଙ୍କ ଓ ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ସହଯୋଗିତା ସ୍ଥାପନ କରିଥିବା ବିଷୟରେ ଘୋଷଣା କରିଛନ୍ତି। ପଂଜାବ ସରକାରଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ସହିତ ଜଡ଼ିତ ହୋଇ କାମ କରୁଥିବା ଏହି ଦୁଇ ସଂସ୍ଥା ଏହି ଜୀବ ଓ ଏହାର ବାସସ୍ଥାନର ସୁରକ୍ଷା ପାଇଁ ଗୋଷ୍ଠୀ ଭିତିକ ସଂରକ୍ଷଣ, ସଚେତନତା ଏବଂ ଶିକ୍ଷା ଭିତିକ ଅଭିଯାନକୁ କାର୍ଯ୍ୟକାରୀ କରିବେ ଏବଂ ସେମାନଙ୍କ ଦୀର୍ଘମିଆଦୀ ଜୀବନକାଳ ପାଇଁ ସଂରକ୍ଷଣ ପଦକ୍ଷେପକୁ ନିଶ୍ଚିତ କରିବେ।

ଡିସିବି ବ୍ୟାଙ୍କ ଓ ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ମଧ୍ୟରେ ସହଯୋଗିତାର ଲକ୍ଷ୍ୟ ହେଉଛି ବିବିଧ-ଅଂଶୀଦାର ନେତୃତ୍ୱ ଓ ଗୋଷ୍ଠୀ ଭିତିକ ଡଲଫିନ ସଂରକ୍ଷଣକୁ ସୁଦୃଢ଼ କରିବା। ସ୍ଥାନୀୟ ସଂସ୍ଥାଗୁଡ଼ିକର ଏହି ଜୀବର ସଂରକ୍ଷଣ ଉଦ୍ୟମର ଅଗ୍ରଦୂତ ସାଜିବେ ଏବଂ ଏହି ନଦୀ କୂଳରେ ବସବାସ କରୁଥିବା ଗ୍ରାମର ଚାଷୀମାନଙ୍କ ସହ ମିଶି ବିଭିନ୍ନ ପ୍ରକାର ସାମଗ୍ରୀ (ଜଳ, ରାସାୟନିକ ସାର ଏବଂ କୀଟନାଶକ) ବ୍ୟବହାରକୁ କମ୍ କରିବା ଦିଗରେ କାମ କରିବେ। ଏହି ସହଯୋଗିତାର ଅଂଶ ସ୍ୱରୂପ, ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ଜଳ ବିଦ୍ୟାଳୟ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବେ ଯାହାର ଲକ୍ଷ୍ୟ ହେଉଛି ବିଆସ ସଂରକ୍ଷଣ ରିଜର୍ଭର ପାଖାପାଖି ଥିବା ଚାରିଟି ଜିଲ୍ଲାରେ ଥିବା ୩୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାକୃତିକ ସମ୍ବଳର ସଂରକ୍ଷଣର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା।

ଡଲ୍ଫିନ୍ ହେଉଛି ଏକ ସୁସ୍ଥକର ନଦୀ ବ୍ୟବସ୍ଥାର ପ୍ରତୀକ। ଭାରତ ହେଉଛି ବିଶ୍ୱର କିଛି ହାତଗଣତି ଦେଶ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଦୁଇ ପ୍ରକାର ମଧୁର ଜଳ ଡଲଫିନ୍ ଜୀବ-ଗାଙ୍ଗେୟ ନଦୀ ଡଲଫିନ ଏବଂ ସିନ୍ଧୁ ନଦୀ ଡଲଫିନ୍ ରହିଛନ୍ତି ଯାହା ହେଉଛି ଦକ୍ଷିଣ ଏସୀୟ ନଦୀ ଡଲଫିନ୍‌ର ଏକ ଉପ-ଜୀବ। ସିନ୍ଧୁ ନଦୀ ଡଲଫିନ୍ ସିନ୍ଧୁ ନଦୀ ବ୍ୟବସ୍ଥାରେ ଦେଖାଯାଏ ଏବଂ ଦେଶରେ ବିଆସ ନଦୀ ହେଉଛି ସେମାନଙ୍କ ଏକମାତ୍ର ବାସସ୍ଥାନ। ପ୍ରକୃତି ସଂରକ୍ଷଣର ଆନ୍ତର୍ଜାତିକ ୟୁନିଅନ୍ (ଆଇୟୁସିଏନ୍) ପକ୍ଷରୁ ନଦୀ ଡଲଫିନ୍‌ମାନଙ୍କୁ ବିରଳପ୍ରାୟ ତାଲିକାଭୁକ୍ତ କରାଯାଇଛି।

ଡିସିବି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ମୂରଲୀ ନଟରାଜନ କହିଛନ୍ତି ଯେ, "ବିଶ୍ୱର ଅନ୍ୟତମ ବିରଳ ପ୍ରାୟ ଜୀବ ସିନ୍ଧୁ ନଦୀ ଡଲଫିନ୍‌ର ସଂରକ୍ଷଣ ପାଇଁ ଡିସିବି ବ୍ୟାଙ୍କ ପକ୍ଷରୁ ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପରେ ବିଆସ ନଦୀରେ ଏହି ଡଲଫିନର ବାସସ୍ଥାନକୁ ସୁରକ୍ଷିତ ରଖିବାକୁ ପଦକ୍ଷେପ ଗ୍ରହଣ କରାଯିବ ଓ ଏକ ସୁସ୍ଥକର ପରିବେଶ ସୃଷ୍ଟି କରାଯିବ ଯାହା ଏହି ସୁନ୍ଦର ଜଳ ଜୀବକୁ ଆଗାମୀ ଦିନରେ ସେମାନଙ୍କ ପ୍ରାକୃତିକ ବାସ ସ୍ଥାନ ପ୍ରଦାନ କରିବ। ମୋର ବିଶ୍ୱାସ ରହିଛି ଯେ ଆମର "ବିଆସ ମିତ୍ରଜ୍' ଅଭିଯାନ ଉଭୟ ସ୍ଥାନୀୟ ସମାଜ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସିନ୍ଧୁ ନଦୀ ଡଲଫିନ ସୁରକ୍ଷାର ଜରୁରୀ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ। ଏହି ଅଭିଯାନରେ ଦୀର୍ଘମିଆଦୀ ଭିତିରେ ନଦୀ, ସମାଜ ଏବଂ ପରିବେଶର ସୁରକ୍ଷା ପାଇଁ ପ୍ରାକୃତିକ ଜଳ ସମ୍ପଦର ସୁରକ୍ଷା ପାଇଁ କାମ କରିବ।''

ରବି ସିଂହ, ସେକ୍ରେଟାରି-ଜେନେରାଲ ଓ ସିଇଓ, ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ କହିଛନ୍ତି ଯେ, "ବିରଳପ୍ରାୟ ସିନ୍ଧୁ ନଦୀ ଡଲଫିନର ସଂରକ୍ଷଣ ପାଇଁ କରାଯାଉଥିବା ଉଦ୍ୟମକୁ ସୁଦୃଢ଼ କରିବାରେ ଡବ୍ଲୁଡବ୍ଲୁଇ-ଇଣ୍ଡିଆ ଓ ଡିସିବି ବ୍ୟାଙ୍କ ମଧ୍ୟରେ ସହଯୋଗିତା ସହାୟକ ହେବ। ସିନ୍ଧୁ ନଦୀ ଡଲଫିନର ସୁରକ୍ଷା ପାଇଁ ଆମେ ଏହି ଯାତ୍ରାକୁ ଜାରି ରଖିଥିବା ବେଳେ ଆମର ବିଶ୍ୱାସ ରହିଛି ଯେ ଏହି ସହଯୋଗିତା ଏହି ଜୀବ ଏବଂ ସେମାନଙ୍କ ବାସସ୍ଥାନ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଆମେ ସ୍ଥାନୀୟ ସମାଜର ସଂପୃକ୍ତିକୁ ଗଭୀର ଭାବେ ପ୍ରଶଂସା କରୁଛୁ ଯେଉଁମାନେ ରାଜ୍ୟରେ ଆମର ଏହି ସଂରକ୍ଷଣ ଉଦ୍ୟମର ଜଗୁଆଳି ସାଜିଛନ୍ତି।''

ପଂଜାବ ସରକାରଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ସହିତ ମିଶି ୨୦୦୭ ପରଠାରୁ ହାରିକେ ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ କାମ କରୁଛି। ୨୦୦୭ରେ ପଂଜାବ ସରକାରଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ପକ୍ଷରୁ ବିଆସ ନଦୀ ଅବବାହିକାରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ ବିଆସ ନଦୀରେ ସିନ୍ଧୁ ନଦୀ ଡଲଫିନ ରହିଛନ୍ତି। ୨୦୧୮ ମେ'ରେ ପଂଜାବ ସରକାରଙ୍କ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ବିଭାଗ ସହଯୋଗରେ ବିଆସ ସଂରକ୍ଷଣ ରିଜର୍ଭ (୧୮୫ କିମି)ରେ ଯୁଗ୍ମ ଭାବେ ସିନ୍ଧୁ ନଦୀ ଡଲଫିନ ସର୍ଭେ ପ୍ରଥମ ଥର ପାଇଁ କରାଯାଇଥିଲା। ଏହାକୁ ଆଗକୁ ବଢ଼ାଇ, ସେମାନଙ୍କ ଉତ୍ପତି ଓ ଜନସଂଖ୍ୟାର ସ୍ଥିତି ବିଷୟରେ ଜାଣିବା ପାଇଁ ନିୟମିତ ଭାବେ ମାସିକ ସର୍ଭେ କରାଯିବା ସହିତ ସେମାନଙ୍କ ବସବାସ ସ୍ଥାନର ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ଏହି ଜୀବର ଦୀର୍ଘମିଆଦୀ ସଂରକ୍ଷଣ ପାଇଁ ଡବ୍ଲୁଡବ୍ଲୁଏଫ୍-ଇଣ୍ଡିଆ ତରଫରୁ ସରକାରୀ କର୍ତ୍ତୃପକ୍ଷଙ୍କ ସହ ଗଭୀର ଭାବେ ଜଡ଼ିତ ହୋଇ କାମ କରାଯିବ।

# ଏଏମ୍ ନାଏକଙ୍କ ନିରାଲି ମେମୋରିଆଲ୍ ମେଡିକାଲ୍ ଟ୍ରଷ୍ଟ ଗୁଜରାଟରେ ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲ୍ ସ୍ଥାପନ କରିବ

**ଭୁବନେଶ୍ୱର,୪।୬(ନି.ପ୍ର):** ଏଲ୍ଆଣ୍ଡ୍‌ଟି ଗ୍ରୁପ୍‌ର ଅଧ୍ୟକ୍ଷ ଏ ଏମ୍ ନାଏକଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ନିରାଲି ମେମୋରିଆଲ୍ ମେଡିକାଲ୍ ଟ୍ରଷ୍ଟ ଗୁଜରାଟର ନବସରୀ ଠାରେ ଏକ ମଲ୍‌ଟି ସ୍ପେସିଆଲିଟି ହସ୍ପିଟାଲ୍ ସ୍ଥାପନ କରିବ। ଏହାକୁ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍ ପରିଚାଳନା କରିବ। ଏନେଇ ଏଲ୍ଆଣ୍ଡ୍‌ଟିର ମୁଖ୍ୟ ଶ୍ରୀ ନାଏକ ଏବଂ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ପ୍ରତାପ ସି ରେଡ୍ଡିଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ନାଏକଙ୍କ ଦୁଇ ବର୍ଷର ନାତୁଣୀଙ୍କ ସ୍ମୃତିରେ ଏହି ହସ୍ପିଟାଲ୍ ନିର୍ମାଣ କରାଯାଉଛି ଯାହାଙ୍କର କର୍କଟ ରୋଗ ଯୋଗୁଁ ମୃତ୍ୟୁ ହୋଇଯାଇଛି। ଗୁଣାତ୍ମକ ମେଡିକାଲ୍ ଚିକିତ୍ସା ସୁବିଧାରୁ ବଂଚିତ ଥିବା ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ହସ୍ପିଟାଲ୍ ନିର୍ମାଣ କରାଯାଉଛି।

ନିରାଲି ମେମୋରିଆଲ୍ ମେଡିକାଲ୍ ଟ୍ରଷ୍ଟ ହସ୍ପିଟାଲ୍‌ର ଭିତିଭୂମି ନିର୍ମାଣ କରିବ, ମେଡିକାଲ୍ ଉପକରଣ ଯୋଗାଇବ, ଯୋଗ୍ୟ ଡାକ୍ତର ଏବଂ ପାରା ମେଡିକାଲ୍ ଷ୍ଟାଫ୍‌ଙ୍କୁ ନିଯୁକ୍ତି ପ୍ରଦାନ କରିବ। ଆପୋଲୋ ହସ୍ପିଟାଲ୍ ଏହି ହସ୍ପିଟାଲ୍‌ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ।

ଏହି ଅବସରରେ ଶ୍ରୀଯୁକ୍ତ ଏ ଏମ୍ ନାଏକ କହିଛନ୍ତି ଯେ, ନ୍ତିଆମେ ବଂଚୁଥିବା ସମାଜର ଆମ ଉପରେ ବହୁତ ଉପକାର ରହିଛି ଏବଂ ଆମକୁ ତାହା ସାମଜକୁ ଫେରାଇବାକୁ ହେବ। ନିରାଲି ମେମୋରିଆଲ ମେଡିକାଲ୍ ଟ୍ରଷ୍ଟ୍‌ର ଲକ୍ଷ୍ୟ ହେଉଛି ଗ୍ରାମୀଣ ଏବଂ ଉପେକ୍ଷିତ ସାମାଜିକ ବର୍ଗର ଲୋକମାନଙ୍କୁ ମାଧ୍ୟମିକ ଏବଂ ତୃତୀୟକ ମେଡିକାଲ୍ ସୁବିଧା ପ୍ରଦାନ କରିବା। ସମସ୍ତଙ୍କୁ ସୁଲଭ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଦିଗରେ ଏହି ମଲ୍‌ଟିସ୍ପେସିଆଲିଟି ହସ୍ପିଟାଲ୍ ସ୍ଥାପନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଦକ୍ଷିଣ ଗୁଜରାଟର ନବସରୀରେ ଆମେ ହାତକୁ ନେଇଥିବା ଏହି ଲକ୍ଷ୍ୟରେ ଆମ ସହ ଲୋକପ୍ରିୟ ସ୍ୱାସ୍ଥ୍ୟ ସେବା ଗ୍ରୁପ୍ ଆପୋଲୋ ହସ୍ପିଟାଲ ଯୋଡ଼ି ହୋଇଥିବାରୁ ଆମେ ବହୁତ ଖୁସି।''

ଡକ୍ଟର ପ୍ରତାପ ସି ରେଡ୍ଡି, ଅଧ୍ୟକ୍ଷ, ଆପୋଲୋ ହସ୍ପିଟାଲସ୍ କହିଛନ୍ତି ଯେ, ନ୍ତିପଇଁତିରିଶ ବର୍ଷ ପୂର୍ବେ ଯାତ୍ରା ଆରମ୍ଭ କରିବା ଦିନଠାରୁ ଆମର ଲକ୍ଷ୍ୟ ହେଉଛି ସବୁ ବ୍ୟକ୍ତିଙ୍କୁ ଆନ୍ତିର୍ଜାତିକ ମାନର ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା। ଏହା ପରଠାରୁ ଆମେ ଯେତେ ସବୁ ପଦକ୍ଷେପ ଗ୍ରହଣ କରିଛୁ ତାହା ସେହି ଲକ୍ଷ୍ୟ ପୂରଣ କରିବା ଦିଗରେ ରହିଛି। ନବସରିରେ ଏକ ମଲ୍‌ଟିସ୍ପେସିଆଲିଟି ହସ୍ପିଟାଲ୍ ସ୍ଥାପନ କରିବା ପାଇଁ ଶ୍ରୀ ନାଏକଙ୍କୁ ଉଦ୍ୟମ ପାଇଁ ସହାୟତା ପ୍ରଦାନ କରୁଥିବାରୁ ଆମେ ଗର୍ବିତ।''

# ଏଫବିବି ପକ୍ଷରୁ ଏଭ୍ରି ଫ୍ରାଇଡ଼େ ଇଜ୍ ଏ ଟ୍ରାଏ ଡ଼େ

**ଭୁବନେଶ୍ୱର,୪।୬(ନି.ପ୍ର):** ଫ୍ୟୁଚର ଗ୍ରୁପର ଲୋକପ୍ରିୟ ଫ୍ୟାସନ ଡ଼େଷ୍ଟିନେସନ, ଏଫବିବି ପକ୍ଷରୁ 'ଏଭ୍ରି ଫ୍ରାଇଡ଼େ ଇଜ ଏ ଟ୍ରାଏ ଡ଼େ' ର ଶୁଭାରମ୍ଭ କରାଯାଇଛି, ଯାହାକି ଚଳିତ ୭ ତାରିଖ ଶୁକ୍ରବାର ଠାରୁ




ଆରମ୍ଭ ହେବାକୁ ଯାଉଛି । ଏହି ଶୁକ୍ରବାର ପରଠାରୁ ପ୍ରତ୍ୟେକ ଶୁକ୍ରବାର ଏଫବିବିରେ ଗ୍ରାହକମାନେ ଫ୍ୟାସନ ଶପିଂ ଡ଼େକୁ ଉପଭୋଗ କରିପାରିବେ । ଏହି ଅବସରରେ ଏଫବିବି ପକ୍ଷରୁ ବିଭିନ୍ନ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ଉକ୍ତ ଅଭିଯାନ ସମ୍ପର୍କରେ ଏଫବିବି ପକ୍ଷରୁ ଏହାର ସିଓଓ, ରାଜେଶ ସେଠ୍ କହିଛନ୍ତିଯେ, ନ୍ତଏଫବିବିରେ ଆମ୍ଭେମାନେ ସର୍ବଦା ଆମର ଗ୍ରାହକ ମାନଙ୍କୁ ନୂତନ ଫ୍ୟାସନ୍ ଟ୍ରେଣ୍ଡ ପ୍ରଦାନ କରିବାକୁ ଚେଷ୍ଟିତ । 'ଏଭ୍ରି ଫ୍ରାଇଡ଼େ ଇଜ ଏ ଟ୍ରାଏ ଡ଼େ' ହେଉଛି ଏପରି ଏକ ପଦକ୍ଷେପ, ଯାହା ଦ୍ୱାରା ଗ୍ରାହକମାନେ ଅତ୍ୟାଧୁନିକ ଫ୍ୟାସନ ଗୁଡ଼ିକ ବ୍ୟୟସାପେକ୍ଷ ମୂଲ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ପାଇପାରିବେ ।

ଗ୍ରାହକମାନେ ସେମାନଙ୍କ ନିକଟସ୍ଥ ଏଫବିବି ଷ୍ଟୋରରେ ପ୍ରତ୍ୟେକ ଶୁକ୍ରବାର ପୁରୁଷ ଏବଂ ମହିଳା ମାନଙ୍କ ସ୍ୱତନ୍ତ୍ର ପରିଧାନ କ୍ରୟକରି ୧୦୦ ଟଙ୍କାର ରିହାତି ପାଇପାରିବେ । 'ଏଭ୍ରି ଫ୍ରାଇଡ଼େ ଇଜ ଏ ଟ୍ରାଏ ଡ଼େ' ଅଭିଯାନ ଆସନ୍ତା ୭ ଜୁନ୍‌ରୁ ଆରମ୍ଭ ହେବାକୁ ଥିବାବେଳେ ମହିଳା ମାନଙ୍କର ଡ଼େନିମ୍ସ ଏବଂ ଜେଗିନ୍ସର ବିଭିନ୍ନ ବ୍ରାଣ୍ଡ ଯେପରିକି ଡ଼ିଜେଆଣ୍ଡସି, ଏଲସିଓ ଏବଂ ହାଏରେ ଦ୍ୱତନ୍ତ୍ର ରିହାତି ଉପଲବ୍ଧ ।

# ରେସିଂରେ ଭାରତୀୟଙ୍କ ବିକାଶ ପାଇଁ ହୋଣ୍ଡାର ମୋଟୋ ୩ ମେସିନରେ ଜାତୀୟ ରେସିଂ ଚମ୍ପିୟାନ ବୈପ୍ଳବିକ ଘୋଷଣା

**ଚେନ୍ନାଇ,୪।୬(ନି.ପ୍ର):** ଭାରତରେ ମୋଟର କ୍ରୀଡ଼ା ସଂସ୍କୃତି ସୃଷ୍ଟିର ଦଶନ୍ଧି ପରେ ହୋଣ୍ଡା ଟୁ ହ୍ୱିଲର ଇଣ୍ଡିଆ ଘରୋଇ ଦୁଇ ଚକିଆ ମୋଟର କ୍ରୀଡ଼ାରେ ବଡ଼ ଧରଣର ପରିବର୍ତ୍ତନ ଘୋଷଣା କରିଛି , ଯଦ୍ୱାରା ଯେକୌଣସି ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ୨ ଚକିଆ ଯାନ ପ୍ରତିଯୋଗିତାରେ ସାମିଲ ହୋଇପାରିବ । ଭାରତୀୟ ୨ ଚକିଆ ପ୍ରତିଯୋଗୀ ବିଶ୍ୱସ୍ତରକୁ ଉନ୍ନୀତ ପରିପ୍ରେକ୍ଷୀରେ ହୋଣ୍ଡା ଟୁ ହ୍ୱିଲର ଇଣ୍ଡିଆ ସିଇଓ ତଥା ସଭାପତି ମିନୋରୁ କାଟୋ ନୂତନ ସଂସ୍କାରଧର୍ମୀ ଆଗାମୀ ସମୟର ପ୍ରତିଯୋଗିତା ବିଷୟ ଘୋଷଣା କରିଛନ୍ତି । ୨୦୧୯ ମୋଟର କ୍ରୀଡ଼ା ଯୋଜନା ଘୋଷଣା କରି ୨ଟି କ୍ଷେତ୍ର ପ୍ରତି କାଟୋ ଗୁରୁତ୍ୱ ପ୍ରଦାନ କରିଛନ୍ତି । ତାହା ହେଲା ବ୍ରାଣ୍ଡ ନେତୃତ୍ୱ ଓ ଗାଠନିକ ବିକାଶ । ୨୦୧୯ ଯୋଜନାରେ ଜାତୀୟ ଓ ଆନ୍ତିର୍ଜାତୀୟ ଚମ୍ପିୟାନସିପ୍ ପାଇଁ ଭାରତୀୟ ଚାଳକଙ୍କୁ ବିକଶିତ କରିବା ପଦକ୍ଷେପ ଗ୍ରହଣ କରାଯାଇଛି । ୨୦୧୯ ପାଇଁ ହୋଣ୍ଡାର ଘରୋଇ ରେସିଂ ଓ ପରବର୍ତ୍ତୀ ଯୋଜନା ସଂପର୍କରେ ସୂଚନା ଦେଇ ହୋଣ୍ଡା ମୋଟର ସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ସିଇଓ ତଥା ସଭାପତି ମିନୋରୁ କାଟୋ କହିଛନ୍ତି ଯେ, ଗତ ଦଶନ୍ଧିରେ ପର୍ଯ୍ୟାୟ ଭିତ୍ତିରେ ଏହି କ୍ରୀଡ଼ାର ସଂପ୍ରସାରଣ ପାଇଁ ଆମେ ଉଦ୍ୟମ କରିଆସିଛୁ । ଭାରତରେ ମୋଟର କ୍ରୀଡ଼ା ସହ ହୋଣ୍ଡା ସଂପ୍ରତି ଏକ ସମରୂପ ନାମ ଅଟେ । ୨୦୧୮ ମସିହାରେ ଇଣ୍ଟରନ୍ୟାସନାଲ ଏସିଆ ରୋଡ଼ ରେସିଂ ଚମ୍ପିୟାନସିପ୍ ପାଇଁ ଆମେ ପ୍ରଥମେ ଭାରତୀୟ ଏକକ ପ୍ରତିଯୋଗୀ ଦଳ ପ୍ରତିଷ୍ଠା କରିଥିଲୁ । ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୯ ମସିହାରେ ଏହି କ୍ରୀଡ଼ା ପାଇଁ



ସମସ୍ତ ଉତ୍କୃଷ୍ଟ ବ୍ୟବସ୍ଥାରେ ଭାରତରେ ସୃଷ୍ଟି ପାଇଁ ଉଦ୍ୟମ କରିଛୁ । ଭାରତୀୟ କ୍ରୀଡ଼ାବିତ୍ ମୋଟୋ୩ ବିଶ୍ୱ ଚମ୍ପିୟାନ ଅନୁରୂପ ମେସିନ ପ୍ଲାଟଫର୍ମରେ ଏଣିକି ରେସିଂ କରିବେ । ହୋଣ୍ଡାର ବ୍ରାଣ୍ଡ ନେତୃତ୍ୱ ଓ ଗାଠନିକ ବିକାଶ ମନ୍ତ୍ର କେବଳ ଯେ ଭାରତରେ ମୋଟ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିବ ସେକଥା ନୁହେଁ ଏହା ପରବର୍ତ୍ତୀ ପିଢ଼ିର ପ୍ରତିଯୋଗୀ ସୃଷ୍ଟି କରିବା ସହ ସେମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଭାବେ ଗଢ଼ି ତୋଳିବାରେ ସହାୟତା ଯୋଗାଇ ପାରିବ । ବିଶ୍ୱ ପାଇଁ ଭାରତରୁ ଭବିଷ୍ୟତର ପ୍ରତିଯୋଗୀ ସୃଷ୍ଟି କରିବା ମୋର ସ୍ୱପ୍ନ ବୋଲି କହିଛନ୍ତି ।

ହୋଣ୍ଡାର ଯୋଜନା ବିଷୟରେ ବର୍ଣ୍ଣନା କରି ହୋଣ୍ଡା ମୋଟର ସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବ୍ରାଣ୍ଡ ତଥା କମ୍ୟୁନିକେସନ ଉପସଭାପତି ପ୍ରଭୂ ନାଗରାଜ କହିଛନ୍ତି ଯେ, ବିଶ୍ୱସ୍ତରରେ ଯୁବ ବୟସରୁ ରେସିଂ ଅୟମାରମ୍ଭ ହୋଇଥାଏ । ଭାରତରେ ଏହି ସମସ୍ୟା ଲାଘବ ପାଇଁ ହୋଣ୍ଡା ଇଡ଼େମିତସୁ ହୋଣ୍ଡା ଇଣ୍ଡିଆ ଟାଲେଣ୍ଟ ହଣ୍ଟ ପ୍ରଚଳନ କରିଥିଲା । ଯୁବ ମେଧା ଚାଳକ ଚିହ୍ନଟ ପାଇଁ ୨୦୧୮ ମସିହାରେ ଏହା ପ୍ରଚଳନ କରାଯାଇଥିଲା । ଏହି ଯୁବ କ୍ରୀଡ଼ାବିତ୍ ଉଚ୍ଚମାନର ପ୍ରଦର୍ଶନ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ହୋଣ୍ଡା ଭାରତକୁ ମୋଟୋ ୩ ମେସିନ ଏନଏସଏଫ୨୫୦ଆର ଆଣୁଛି । ଏହା ଏକ ବୈପ୍ଳବିକ ପଦକ୍ଷେପ ଏବଂ ଭବିଷ୍ୟତର ରେସିଂ ତାରକାଙ୍କ ବିକାଶ ଦିଗରେ ସହାୟକ ହେବା ସହ ସେମାନଙ୍କୁ ଆନ୍ତିର୍ଜାତୀୟ ପରିବେଶ ସହ ସମକକ୍ଷ କରିପାରିବ । ସମାନ୍ତିରାଳ ଭାବେ ପ୍ରୋ-ଷ୍ଟକ୍ ୨୦୦-୩୦୦ ଶ୍ରେଣୀରେ ଅୟମାରମ୍ଭ ସହ ଭାରତରେ ମୋଟର କ୍ରୀଡ଼ା ସଂସ୍କୃତି ଅଧିକ ପ୍ରସାରିତ ହୋଇପାରିବ । ଇଡ଼େମିତସୁ ଲ୍ୟୁବ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ଉପ ପରିଚାଳନା ନିର୍ଦ୍ଦେଶକ ଯୋସିତାକା ସିରାଗ ଏହି ପରିପେୟକ୍ଷୀରେ କହିଛନ୍ତି ଯେ, ଅଟୋମୋବାଇଲ ଓ ଶିଳ୍ପ ଲୁବ୍ରିକାଣ୍ଟ ଶ୍ରେଣୀରେ କଂପାନୀ ୧୦୦ ବର୍ଷ ହେଲା କାର୍ଯ୍ୟ କରୁଛି । ଭାରତୀୟ ବଜାର ପାଇଁ କଂପାନୀ ଉଚ୍ଚ ପ୍ରଯୁକ୍ତିସଂପନ୍ନ ଲୁବ୍ରିକାଣ୍ଟ ପ୍ରସ୍ତୁତ କରୁଛି । ହୋଣ୍ଡା ରେସିଂ ଓ ମୋଟର କ୍ରୀଡ଼ା ସହ ଇଡ଼େମିତସୁ ନିବିଡ଼ ଭାବେ ସଂଶ୍ଳିଷ୍ଟ ଏବଂ ଭାରତୀୟ ମେଧାକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଇଡ଼େମିତସୁ ହୋଣ୍ଡା ଇଣ୍ଡିଆ ରେସିଂ ଦଳ ୨ଟି ଶ୍ରେଣୀରେ ପ୍ରତିଯୋଗିତା କରି ବିଜୟୀ ହେବାର ଲକ୍ଷ୍ୟ ରଖିବା ସହ ଦଳରେ ୬ ଜଣ ଅନନ୍ୟ ଚାଳକ ରହିଛନ୍ତି । ଇଡ଼େମିତସୁ ହୋଣ୍ଡା ଇଣ୍ଡିଆ ରେସିଂ ଦଳ ଭାରତୀୟ ଜାତୀୟ ମୋଟର ରେସିଂ ଚମ୍ପିୟାନସିପର ପ୍ରୋଷ୍ଟକ ୨୦୦- ୩୦୦ସିସି ଶ୍ରେଣୀରେ ପ୍ରଥମ ଥର ଅଂଶଗ୍ରହଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ପ୍ରୋଷ୍ଟକ ୨୦୦- ୩୦୦ସିସି ଶ୍ରେଣୀରେ ଅଭିଜ୍ଞ ଚାଳକ ଶରଥ କୁମାର ଅଂଶଗ୍ରହଣ କରିବେ । ତାଙ୍କ ସହ ଗତବର୍ଷର ପ୍ରୋଷ୍ଟକ ୧୬୫ସିସି ଶ୍ରେଣୀର ପ୍ରତିଯୋଗୀ ତଥା ଏଆରଆରସି ୨୦୧୮ ଚାଳକ ଅନୀଶ ସେଟ୍ଟୀ ମଧ୍ୟ ସାମିଲ ହେବେ । ସେହିପରି ଗତବର୍ଷର ଟାଲେଣ୍ଟ କପ୍ ସିବିଆର୨୫୦ଆର ଚମ୍ପିୟାନସିପ୍‌ର ଅଭିଷେକ ବାସୁଦେବ ଏଥିରେ ଯୋଗଦେବେ। ୨୦୧୮ ମସିହାରେ ସୁପର ସ୍ପୋର୍ଟସ ୧୬୫ସିସି ଜାତୀୟ ଚମ୍ପିୟାନସିପ୍‌ରେ ଶରଥ କୁମାର ୫ମ ସ୍ଥାନ ଅଧିକାର କରିଥିବାବେଳେ ଅନୀଶ ସେଟ୍ଟୀ ପ୍ରୋଷ୍ଟକ ୧୬୫ସିସି ଶ୍ରେଣୀ ପ୍ରତିଯୋଗୀତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ । ବାଙ୍ଗାଲୋର ପ୍ରତିଯୋଗୀ ଅଭିଷେକ ବାସୁଦେବ ଟାଲେଣ୍ଟ କପ୍ ସିବିଆର୨୫୦ଆର ଚମ୍ପିୟାନସିପ୍‌ର ୫ମ ରାଉଣ୍ଡରେ ମୋଟ ୧୭୧ ପଏଣ୍ଟ ହାସଲ କରିଥିଲେ ।



### ବାଲେଶ୍ୱର ବିଧାୟକଙ୍କ ସଦର ବ୍ଲକ୍ ପରିଦର୍ଶନ

# ଅବ୍ୟବସ୍ଥା ଓ ମନମୁଖୀ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ : ବିଧାୟକ

**ବାଲେଶ୍ୱର,୪/୬(ନି.ପ୍ର):** ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ ନବ ନିର୍ବାଚିତ ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ(ମଙ୍ଗୁ ଭାଇ) ଆଜି ବାଲେଶ୍ୱର ସଦର ବ୍ଲକକୁ ସୈଜନ୍ୟ ମୂଳକ ଭାବରେ ପରିଦର୍ଶନ କରି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସର୍ମ୍ପକରେ ସମୀକ୍ଷା କରିଥିଲେ । ସାଧାରଣ ଗରିବ ଲୋକଙ୍କ ସମସ୍ୟା ଏବଂ ନିରପେକ୍ଷ ଭାବେ ସମସ୍ତ ଜନସାଧାରନଙ୍କୁ ବ୍ଲକରୁ ସାହାର୍ଯ୍ୟ ମିଳିବା ନେଇ ଧ୍ୟାନ ଦେବା ପାଇଁ ଶ୍ରୀ ଦତ୍ତ ବ୍ଲକର ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ । ପ୍ରଥମେ ସଦର ବିଡିଓ ଶ୍ରୀ ଶଙ୍କର୍ଷଣ ବେହେରା



ନବନିର୍ବାଚିତ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନ କରିଥିଲେ ତତ୍‌ସହିତ ସୌଜନ୍ୟତା ଦୃଷ୍ଟି କୋଣରୁ ବ୍ଲକରେ କାମକରୁଥିବା ସରକାରୀ ଅଧିକାରୀ ମାନଙ୍କ ସହ ବିଧାୟକ ଶ୍ରୀ ଦତ୍ତଙ୍କୁ ପ୍ରିଚୟ କାରଇଥିଲେ । ଏହା ପରେ ଶ୍ରୀ ଦତ୍ତ ବ୍ଲକ୍ ଉନ୍ନୟନ ଫାଣ୍ଡି, ଭତ୍ତା, ତିତଲି ପାଣ୍ଠିର କାର୍ଯ୍ୟ ଏବଂ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ତଦାରଖ କରିଥିଲେ । ଅଧିକାଂଶ ବିଭାଗର କାମ ଅଧାପାଉିଆରେ ପଡିରହିଥିବା ସ୍ଥଳେ ବିଭିନ୍ନ କାର୍ଯ୍ୟର କାର୍ଯ୍ୟାଦେଷ ବର୍ଣ୍ଣନ ହୋଇଥିବା ବେଳେ ଅଭିପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବାକୁ ନେଇ ବିଧାୟକ ଶ୍ରୀ ଦତ୍ତ ତ୍ରୀବ ଅସନ୍ତୋଷ ପ୍ରକାଶ କରିଥିଲେ । ମାତ୍ରାଧିକ ଭତ୍ତାରେ ଭୂତ କାର୍ଡ ଓ ମରିଯାଇଥିବା ଲୋକଙ୍କ ନାମରେ ଭତ୍ତା ବର୍ଣ୍ଣନକୁ ନେଇ ମଧ ଶ୍ରୀ ଦତ୍ତ ବିଗିଡି ଥିବା ବେଳେ ନିଷ୍ଠା ଏବଂ ନ୍ୟାୟର ସହ କାମ କରିବାକୁ ଅଧିକାରୀଙ୍କୁ ପରାର୍ମଶ ପ୍ରଦାନ କରିଥିଲେ । ବିଧାନ ସଭା ସତ୍ତ ପରେ ଆଉଥରେ ବ୍ୟବସ୍ଥିତ ଢଙ୍ଗରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କରାଯିବ ବୋଲି ଶ୍ରୀ ଦତ୍ତ ଗଣମାଧମକୁ ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ସଦର ବ୍ଲକ ବିଜେପି ସଭାପତି ତଥା ସମିତି ସଭ୍ୟ ରବିନାରାୟଣ ବେହେରା, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜିଲ୍ଲାପରିଷଦ ସଭ୍ୟ କୁନୁ ପଣ୍ଡା ସମେତ ବହୁ ସରପଞ୍ଚ ସମିତି ସଭ୍ୟ ମାନ ଉପସ୍ଥିତ ଥିଲେ ।

## ସାଲନ୍ଦୀ-ନାଳିଆ ଓ ରେବ-କପାଳୀ ସଂସ୍କାର ଯୋଜନା ତଦନ୍ତ କରିବେ ଜାତୀୟ ମାନବାଧିକାର ଆୟୋଗ

**ଭଦ୍ରକ,୪।୬(ନିପ୍ର):** ଜୁନ୍ ୫, ୬ ଏବଂ ୭ ତାରିଖରେ ଜାତୀୟ ମାନବାଧିକାର ଆୟୋଗଙ୍କ ସ୍ୱତନ୍ତ୍ର ପ୍ରତିନିଧି ଶ୍ରୀଯୁକ୍ତ ବିଭୂତି ଭୂଷଣ ମିଶ୍ର ସାଲନ୍ଦୀ-ନାଳିଆ ଓ ରେବ-କପାଳୀ ସଂସ୍କାର ଯୋଜନାରେ ହୋଇଥିବା ମାନବାଧିକାର ଉଲଂଘନ ତଥା ପରିବେଶ ନଷ୍ଟ ଉପରେ ତଦନ୍ତ କରିବାକୁ ଭଦ୍ରକ ଆସୁଛନ୍ତି । ଉଲ୍ଲେଖଯୋଗ୍ୟ ଏହିକି ୨୦୦୮ ମସିହାରେ ଉପରୋକ୍ତ ଚାରୋଟି ନଦୀ ସଂସ୍କାର ସମୟରେ ବ୍ୟାପକ ଅନିୟମିତତା ସର୍ମ୍ପକରେ ମାନବାଧିକାର



କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଅନେକ ମାମଲା ଦାଏର କରିଥିଲେ । ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସଂଗ୍ରାମ ସମୟରେ ଦିଲ୍ଲୀରୁ ମାନ୍ୟବର ଆୟୋଗଙ୍କ ତରଫରୁ ଚାରିଥର ଉଚ୍ଚସ୍ତରୀୟ ତଦନ୍ତ ହୋଇସାରିଛି । ଅଧିକାଂଶ କ୍ଷତିଗ୍ରସ୍ତ ଜନତାଙ୍କୁ କ୍ଷତିପୂରଣ ମିଳିଛି । ମାତ୍ର ଦଶବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତମାନଙ୍କ ମୌଳିକ ଅଧିକାରର ସୁରକ୍ଷା କରାଯାଇପାରିନାହିଁ, ସେ ନେଇ ମାନ୍ୟବର ଆୟୋଗ ତାଙ୍କ ତରଫରୁ ଶ୍ରୀଯୁକ୍ତ ମିଶ୍ରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶୀତଳଷଷ୍ଠୀ ପାଇଁ ଉତ୍ସବ ମୁଖର ଗର୍ତ୍ତେଶ୍ୱରପୀଠ

**ରାଜନଗର,୪।୬(ନିପ୍ର):** ରାଜନଗର ବ୍ଲକ ସାନବଡଗୋପାଳପୁର ପଚାଂୟତ ଗୋସିଗାଁସ୍ଥିତ ଗର୍ତେଶ୍ୱର ପୀଠ ଶୀତଳଷଷ୍ଠୀ ପାଇଁ ଉତ୍ସବ ମୁଖର ହୋଇପଡିଛି । ଚଳିତ ବର୍ଷ ଶୀତଳ ଷଷ୍ଠୀ ଅବସରରେ ଶିବବିବାହ ପାଇଁ ସୋମବାର ସଂନ୍ଧ୍ୟାରେ ଅଙ୍କୁରାରୋପଣ କରାଯାଇଥିଲା । ମଙ୍ଗଳବାର



ଅପରାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୁଧବାର ସୂର୍ଯ୍ୟପୂଜା, ଗୋମାତା ପୂଜା, ଯଜ୍ଞାଗ୍ନିସ୍ଥାପନ ଏବଂ ଶ୍ରୀଶ୍ରୀ ଗର୍ତେଶ୍ୱର ମହାଦେବଙ୍କ ସହସ୍ରାଧିକ କୁମ୍ଭାଭିଷେକ ଅନୁଷ୍ଠିତ ହେବ । ଗୁରୁବାର ଓ ଶୁକ୍ରବାର ସୂର୍ଯ୍ୟପୂଜା, ଗୋମାତା ପୂଜା, ଗୀତାଯଜ୍ଞ, ଶିବ ସହସ୍ରନାମ ଓ ବିବାହ ଉତ୍ସବ ଅନୁଷ୍ଠିତ ହେବା ସହ ପୂର୍ଣ୍ଣାହୂତୀ ଦିଆଯିବ ବୋଲି କର୍ମକର୍ତାମାନେ ଜଣାଇଛନ୍ତି । ବିଧାୟକ ଧ୍ରୁବ ସାହୁ ଗର୍ତେଶ୍ୱର ପୀଠରେ ପହଂଚି ପୂଜାପାଠ କରିବା ସହ ଶିବ ବିବାହ ଉତ୍ସବରେ ସାମିଲ ହୋଇଥିଲେ ।

### ସହରାଞ୍ଚଳ ପାନୀୟଜଳ ପ୍ରକଳ୍ପ ସଂପର୍କରେ ସମୀକ୍ଷା

# ଡିସେମ୍ବର ସୁଦ୍ଧା ୮ ଲକ୍ଷ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ : ଶ୍ରୀକାନ୍ତ ଜେନା

**ଭୁବନେଶ୍ୱର,୪।୬(ନିପ୍ର):** ଆସନ୍ତା ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ୧୧୪ ପୌରାଚଂଳର ୮ ଲକ୍ଷରୁ ଉର୍ଦ୍ଧ୍ୱ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ଏବଂ ୭୦ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ପଂଚାୟତିରାଜ , ଗୃହ ଓ ନଗରଉନ୍ନୟନ , ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ନୂତନ କରି ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ସହରାଚଂଳ ପାନୀୟ ଜଳ ପ୍ରକଳ୍ପ ସଂପର୍କରେ ସମୀକ୍ଷା କରିଛନ୍ତି । ସମୀକ୍ଷାରୁ ଜଣା ପଡିଛି କି ସହରାଚଂଳରେ ବିଶୁଦ୍ଧ



ପାନୀୟ ଜଳ ଯୋଗାଣ ନିମନ୍ତେ ୭୯୩ ପ୍ରକଳ୍ପ ହାତକୁ ନିଆଯାଇ ୬୪୨ଟି ସମ୍ପୂର୍ଣ୍ଣ ହୋଇଛି । ବାକି ପ୍ରକଳ୍ପ ଗୁଡିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ୨୦୧୩ ମସିହାରେ ପ୍ରସ୍ତୁତ ଓଡିଶା ରାଜ୍ୟ ସହରାଚଂଳ ପାନୀୟ ଜଳ ନୀତି ଅନୁଯାୟୀ ୨୦୨୬ ସୁଦ୍ଧା ଏହା କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ବିଭାଗ ତରଫରୁ ଯୁଦ୍ଧକାଳୀନ ଭିତିରେ ଉଦ୍ୟମ କରାଯାଇ ୨୦୧୯ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି । ପ୍ରାକୃତିକ ବିପର୍ଯ୍ୟୟ ସମୟ ହେଉ କିମ୍ବା କୌଣସିକାରଣରୁ ପାନୀୟଜଳ ପ୍ରକଳ୍ପକୁ ବିଦ୍ୟୁତ ସରବରାହ ବ୍ୟାହତ ହେଲେ , ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରାୟ ୧୫୦ କୋଟ ଟଙ୍କା ବ୍ୟୟଅଟକଳରେ ଜେନେରେଟର ବ୍ୟବସ୍ଥା କରାଯିବ । ଯୋଗାଇ ଦିଆଯାଉଥିବା ପାଣିର ଗୁଣବତା ପରୀକ୍ଷା କରିବା ନିମନ୍ତେ ପିପିପି ମୋଡରେ ୯ଟି ପରୀକ୍ଷାଗାର ସ୍ଥାପନ କରାଯାଇଛି । ବର୍ତମାନ ବିଭିନ୍ନ ସହରାଚଂଳରେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ । ସଚିବାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍, ବିଭାଗୀୟ ଯନ୍ତ୍ରୀମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ବାଲେଶ୍ୱରରେ କରିଣମୟୀ +୨ ଟପ୍ପର

**ବାଲେଶ୍ୱର,୪/୬(ନି.ପ୍ର):** ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାରେ ପୁଅଙ୍କୁ ପଛରେ ପକାଇ ପୁଣି ବାଜି ମାରିଛନ୍ତି ଝିଅ । ବାଲେଶ୍ୱର ଜିଲ୍ଲାର କିରଣମୟୀ ବାରିକ ୫୪୮ ନମ୍ବର ରଖି ବାଲେଶ୍ୱର ଜିଲ୍ଲା ଟପ୍ପର ହୋଇଛନ୍ତି । ସେ ବାଲେଶ୍ୱର ଜିଲ୍ଲା ବାହାନଗା



ବ୍ଲକ ଗୋପାଳପୁର କଲେଜର ଛାତ୍ରୀ । ଏଥର ୯୭,୭୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୦,୭୧୬ ଜଣ ପାସ୍ କରିଛନ୍ତି । ସେମାନଙ୍କ ମଧ୍ୟରୁ ୪୦,୦୫୮ ଜଣ ଛାତ୍ର ପାସ୍ କରିଥିବା ବେଳେ ୩୦, ୬୮୪ ଛାତ୍ରୀ ପାସ୍ କରିଛନ୍ତି । ପୁଅଙ୍କ ପାସ୍ ହାର ୭୦.୪ ପ୍ରତିଶତ ରହିଥିବା ବେଳେ ୭୫.୨ ପ୍ରତିଶତ ଝିଅଙ୍କ ପାସ୍ ହାର ରହିଛି । ହାରାହାରି ଭାବେ ପୁଅଙ୍କ ଠାରୁ ଝିଅ ଆଗରେ ରହିଛନ୍ତି ।

# ‘ଆମେ’ ସଂଗଠନର ଭଜନ ସନ୍ଧ୍ୟା

**ଭଦ୍ରକ,୪।୬(ନିପ୍ର):** ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ର ଏକାଦଶତମ ଅଧିବେଶନ ଓ ‘ସାବିତ୍ରୀ ଅମାବାସ୍ୟା ଆସର’ ଭଦ୍ରକ ମୁଖ୍ୟଡାକଘର ସଂଲଗ୍ନ ଶ୍ରୀ ଶ୍ରୀ ନୀଳଲୋହିତ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇ ଯାଇଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ମଞ୍ଚ ଅଭିନେତା କାଳନ୍ଦୀ ମଲ୍ଲିକ, ଶିକ୍ଷାବିତ୍ ରମାକାନ୍ତ ଜେନାଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ଅଜୟ ଦାସ, ରାମନାରାୟଣ ପଣ୍ଡା, ଶୁଭ୍ରା ପି. ବିଶ୍ୱାଳ, ସୁଶାନ୍ତ ବେହେରା, ଯୋଗେନ୍ଦ୍ର ଯେନା, ଶିଶୁ କଣ୍ଠଶିଳ୍ପୀ ସମୀକ୍ଷା ନାୟକ ଭଜନ ପରିବେଷଣ କରିଥିଲେ । ଯୁବ ଗୀତିକାର ଅରୂପାନନ୍ଦ ନାୟକ, ଜଗବନ୍ଧୁ



ନାୟକ, ରମାକାନ୍ତ ପାଳ, କାର୍ତ୍ତିକ ରାଉତ, ଅଶୋକ ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଥମେ ମନ୍ଦିରର ପ୍ରତିଷ୍ଠାତା ଦେବେନ୍ଦ୍ର କୁମାର ବେହେରା ଉଦ୍‌ଘାଟନ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ‘ଆମେ’ ସଂଗଠନର ସଭ୍ୟମାନେ ପରିଚାଳନା କରିଥିଲେ । ଅତିଥି ଭାବେ ପ୍ରଫେସର ଗୋଲକ ବିହାରୀ ସାହୁ, ରାଜକିଶୋର ସାହୁ, ଅବସରପ୍ରାପ୍ତ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ପ୍ରାଧାପକ ଡ, ପ୍ରଫୁଲ୍ଲ କୁମାର ସାହୁ, ଡା. ରବି ନାରାୟଣ ମହାପାତ୍ର, ଆଇନଜୀବି ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ସାବିତ୍ରୀ ବ୍ରତ ଓ ଏହାର ପ୍ରାସଙ୍ଗିକତା ସର୍ମ୍ପକରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧରେ ହେମନ୍ତ କୁମାର ନାୟକ, ଗିରିଧାରୀ ନାଥ, ଅଗଣି ଚରଣ ଯେନା, ଶକୁନ୍ତଳା ନାୟକ, ଗୀତାରାଣି ବାରିକ, ମାଧବୀଲତା ନାୟକ, ଲକ୍ଷ୍ମୀକାନ୍ତ ବାରିକ, ଯୁବସମାଜସେବୀ ଅତୁଲକୃଷ୍ଣ ନାୟକ, କୈଳାସ ଚନ୍ଦ୍ର ଜେନା, ଜୈବ ବୈଜ୍ଞାନିକ ରମାକାନ୍ତ ପଣ୍ଡା, କବି ବସନ୍ତ ପାତ୍ର, ରଜତ କୁମାର ସାହୁ, ଉଜ୍ଜ୍ୱଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବିଶେଷ ନିମନ୍ତ୍ରିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତପନ କୁମାର ମିଶ୍ର, ଡ. ହରିହର ନାୟକ, ସ୍ମୃତି ରଂଜନ ସାହୁ ଯୋଗ ଦେଇଥିଲେ । ଏହି ଭଜନ ସନ୍ଧ୍ୟାରେ ବହୁ ଶ୍ରୋତା ଉପସ୍ଥିତ ରହି ଉପଭୋଗ କରିଥିଲେ ।

## ଟପ୍ପରଙ୍କୁ ଛାତ୍ର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା



**ରାଜନଗର,୪।୬(ନିପ୍ର):** ରାଜନଗର ବ୍ଲକରେ +୨ବିଜ୍ଞାନ ପରୀକ୍ଷାରେ ରଶ୍ମିରଞ୍ଜନ ରାଉତ ବ୍ଲକ ଟପ୍ପର ହୋଇଛନ୍ତି । ଚଳିତ ପରୀକ୍ଷାରେ ସେ ୪୧୨ନମ୍ବର (୬୮.୬୬) ରଖି ବ୍ଲକ ଟପ୍ପର ହୋଇଛନ୍ତି । ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ସେ ଛାତ୍ର । ବ୍ଲକ ଛାତ୍ର ବିଜେଡି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଛାତ୍ର ବିଜେଡି ଜିଲ୍ଲା ସଂପାଦକ ଦୀପକ ରାଉତଙ୍କ ନେତୃତ୍ୱରେ ଛାତ୍ର ନେତା ସତ୍ୟବ୍ରତ ପାଣି, ଅଜିତ ସାହୁ, ରମେଶ ସ୍ୱାଇଁ, ଦେବପ୍ରସାଦ ସାହୁ, ଅଂଶୁ ପରିଡା, ବୁବୁନ ମଳିକ, ଜ୍ଞାନରଞ୍ଜନ ବେହେରା, ରୋହିତ ରାଉତ, ମୁନା ମଳିକ, ପବିତ୍ର ଦାସ, ବ୍ରହ୍ମାନନ୍ଦ ସେଠୀ ପ୍ରମୁଖ ରଶ୍ମିରଞ୍ଜନଙ୍କ ଘର ଗୁପ୍ତି ପଚାଂୟତ ଓକିଲପାଳ ଗ୍ରାମରେ ସମ୍ବର୍ଦ୍ଧିତ କରିଥିଲେ । ପିତା ରାଜକିଶୋର ଓ ମାତା ସଚ୍ଚିବାଳାଙ୍କର ସେ ଦ୍ୱତୀୟ ପୁତ୍ର ।

### ମମତା ବାନାର୍ଜୀଙ୍କ ଜୟ ଶ୍ରୀରାମ ନାରା ବିରୋଧୀକୁ ନିନ୍ଦା

# ଯୁବମୋର୍ଚ୍ଚା ପକ୍ଷରୁ ଲକ୍ଷେ ଜୟ ଶ୍ରୀରାମ ଲେଖା ପୋଷ୍ଟକାର୍ଡ ପଠାଯିବାକୁ ନିଷ୍ପତ୍ତି

**ଭଦ୍ରକ,୪।୬(ନିପ୍ର):** ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମଗ୍ର ପଶ୍ଚିମ ବଙ୍ଗରେ ବିଜେପିର ଅଭ୍ୟୁଦୟ ଦେଖି ଛାନିଆ ହୋଇ ପଡିଛନ୍ତି । ବିଜେପିର ଚିହ୍ନ ପଦ୍ମ ଦେଖିବା ଓ ଜୟଶ୍ରୀରାମ ନାରା ଶୁଣିବା ମାତ୍ରେ ତାଙ୍କର ହୃତ୍‌କମ୍ପନ ସୃଷ୍ଟି ହେଉଛି । ବିଜେପି ପ୍ରତି ମମତା ବାନାର୍ଜୀଙ୍କ ଏପରି ମନୋଭାବକୁ ଭଦ୍ରକ ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏ ନେଇ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସୁରେଶ ସାମଲଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇ ମମତାଙ୍କ ଏଭଳି ହୀନମନ୍ୟତାକୁ ଘୋର ନିନ୍ଦା କରିଥିଲେ । ଏଭଳି ଜଣେ ଦେଶଦ୍ରୋହୀଙ୍କୁ ଭାରତ



ମାଟିରେ ରହିବାକୁ ଦିଆଯିବା ଉଚିତ ନୁହେଁ ବୋଲି ମତ ପ୍ରକଟ କରିଥିଲେ । ମମତାଙ୍କ ବିଜେପି ବିରୋଧୀ ତଥା ଜୟଶ୍ରୀରାମ ନାରାକୁ ବିରୋଧ କରିବା ଘଟଣାକୁ ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରାଯିବା ସହିତ ଭଦ୍ରକ ଜିଲ୍ଲାରୁ ଜୟଶ୍ରୀରାମ ଲେଖା ଯାଇଥିବା ଲକ୍ଷେ ପୋଷ୍ଟକାର୍ଡ ତାଙ୍କ ନିକଟକୁ ପଠାଯିବ ବୋଲି ସଭାପତି ଶ୍ରୀ ସାମଲ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ ଅଭିମନ୍ୟୁ ସେଠୀ, ଶରତ ପଢିଆରୀ, ବିକାଶ ଶ୍ରେଷ୍ଠା, ଚକ୍ରଧର ସେଠୀ, ଲେଲିନ ଦାସ, ଚନ୍ଦ୍ରମୋହନ ମହାପାତ୍ର, ସରୋଜ କୁମାର ରାଉତ, ଦେବାଂଶୁ ରାଉତ, ମହମ୍ମଦ ଅଲ୍ଲୀ ସବର, ସରୋଜ କୁମାର ରାଉତଙ୍କ ସମେତ ଯୁବମୋର୍ଚ୍ଚାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ‘ଆକ୍ଟ, କନେକ୍ଟ ଓ ରିଫ୍ଲେକ୍ଟ’ ଜାତୀୟ ଆଲୋଚନାଚକ୍ର

# ସୌନ୍ଦର୍ଯ୍ୟତତ୍ତ୍ୱ ଉପରେ ଚର୍ଚ୍ଚା

**ଭୁବନେଶ୍ୱର,୪।୬(ନିପ୍ର):** କଳାରେ ଉତ୍କର୍ଷତା ଲାଭ କରିଥିବାରୁ ଓଡ଼ିଶାର ଅନ୍ୟନାମ ଉତ୍କଳ । ସେହିପରି ଦିନ ଥିଲା ଭାରତ ଆଜି ଯେମିତି କୃଷିପ୍ରଧାନ ଦେଶ କୁହାଯାଉଛି ତାହା ଥିଲା କଳା ପ୍ରଧାନ ଦେଶ । କଳାକୁ ଜୀବନ ଓ ଜୀବିକା କରୁଥିଲେ ଶିଳ୍ପୀକୂଳ ଓ ଯାହାର ଫଳସ୍ୱରୂପ ପ୍ରସ୍ତର ମନ୍ଦିର ଭାସ୍କର୍ଯ୍ୟରେ ଓ ପାରମ୍ପରିକ କଳାରେ ପରିପୂର୍ଣ୍ଣ ଥିଲା ଭାରତବର୍ଷ । ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ତିନିଦିନିଆ କଳା ଉତ୍ସବ ଅବସରରେ ୨୬ଜଣ ଚିତ୍ରଶିଳ୍ପୀ ଓ କଳା ଗବେଷକଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ଏକ ଜାତୀୟ କଳା ଆଲୋଚନା ଚକ୍ର । ଏହି ଆଲୋଚନାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି କମଳାକାନ୍ତ ମିଶ୍ର ଓ ବରିଷ୍ଠ କଳା ଐତିହାସିକ ଡ. ଅଲେଖ



ଚରଣ ସାହୁ ଯୋଗଦେଇ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହିତ ସମ୍ମାନିତ କରିଥିଲେ । ଏଥିରେ ରାଜସ୍ଥାନରୁ ଅମିତି କଲା ଓ ବୋକାରରୁ ଡ. ପିଏନ୍ ପାଣ୍ଡେ, ସରୋଜ କୁମାର ମିଶ୍ର, ସୁଦିପ୍ତ ସିହ୍ନା, ହାଇଦ୍ରାବାଦରୁ ଏମ୍. ରମେଶ, ଓଡ଼ିଶାରୁ ପ୍ରବୀର କୁମାର ଦଲାଇ, ଚନ୍ତାମଣି ବିଶ୍ୱାଳ, ରାମଶଙ୍କର ସାହୁ, ଦେବାର୍ଚ୍ଚନ ରାଉତ ଚକ୍ରଧର ବେହେରା, ପଞ୍ଚାନନ ସାମଲ, ମୀନକେତନ ପଟ୍ଟନାୟକ, କୋଲକତାରୁ ସୋମନାଥ ଟାମଲି, ରାମଶଙ୍କର ସାହୁ ପ୍ରମୁଖ ଅଂଶଗ୍ରହଣ କରି ସୌନ୍ଦର୍ଯ୍ୟ ଓ କଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ଯାହାକି ଶିଳ୍ପୀମାନଙ୍କୁ ନୂତନ ସୃଜନର ଖୋରାକ ଯୋଗାଇବା ସହ ଛାତ୍ରଛାତ୍ରୀଙ୍କ ସୃଜନର ପଥ ପରିଷ୍କାର କରିବ ବୋଲି ମତପ୍ରକାଶ ପାଇଥିଲା । ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଧଉଳି ସରପଞ୍ଚ ଶ୍ରୀମତୀ ପୂର୍ଣ୍ଣିମା ସାହୁ ଯୋଗଦେଇ ଜାତୀୟ କଳା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ ଓ ଶିଳ୍ପୀଙ୍କ ଚିତ୍ରର ଭୂୟସୀ ପ୍ରଶଂସା କରିଥିଲେ । ଏଥିସହିତ ଇଷ୍ଟର୍ଣ୍ଣ ଫାଉଣ୍ଡେସନ ଅଫ ଆର୍ଟ ଆଣ୍ଡ କଲ୍‌ଚର ଓ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଜାତୀୟ ଚିତ୍ରକଳା ଆୟୋଜନ ପାଇଁ ସାଧୁବାଦ ଜଣାଇଥିଲେ । ବାହାର ରାଜ୍ୟରୁ ଆସିଥିବା ୫ଜଣ ଶିଳ୍ପୀଙ୍କୁ ମନ୍ତ୍ରୀ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ । ଆସନ୍ତା କାଲି ଏକ ଡ୍ରଇଁ କର୍ମଶାଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପଞ୍ଚାନନ ସାମଲ ଜଣାଇଛନ୍ତି ।






ଏମ୍‌ସିଏଲ୍ ପକ୍ଷରୁ ପରିବେଶ ସୁରକ୍ଷା ଜନସଚେତନତା ନେଇ ଆୟୋଜିତ ପଦଯାତ୍ରା।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ବାଲେଶ୍ୱର, ୪।୬ (ନି.ପ୍ର.): ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ଗତ ସୋମବାର ରାତିରେ ଏପରି ଘଟଣା ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଂଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରେମୁଣା ଥାନା ଅନ୍ତର୍ଗତ ରାଉତରାୟପୁର ଗାଁରେ କାଶୀନାଥ ବେହେରାଙ୍କ ଘର। ଦୁଇ ମହଲା ବିଶିଷ୍ଟ କୋଠା ଘରେ ସେ ତଳମହଲାରେ ରହୁଥିବା ବେଳେ ଦ୍ୱିତୀୟ ମହଲାରେ କୃପାସିନ୍ଧୁ ସାଆନ୍ତା ଓ ସଜିତ ବେହେରା ସପରିବାର ରୁହନ୍ତି। ମାତ୍ର ଅସୁସ୍ଥତା କାରଣରୁ କାଶୀନାଥଙ୍କୁ ତାଙ୍କ ପରିବାର ଲୋକେ ରାଜ୍ୟ ବାହାରକୁ ଚିକିତ୍ସା ପାଇଁ ନେଇଯାଇଛନ୍ତି। ଅନ୍ୟପକ୍ଷରେ କୃପାସିନ୍ଧୁ ଓ ସୁଜିତ ଘରେ ମଧ୍ୟ ନଥିଲେ। କୃପାସିନ୍ଧୁ ରହୁଥିବା ଘରେ ତାଲା ପଡ଼ିଥିବା ବେଳେ ସୁଜିଲେ ଘରେ ତାଙ୍କ ପତ୍ନୀ ଓ ପିଲାମାନେ ଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପ୍ରଥମେ କାଶୀନାଥଙ୍କ ଘରର ଗ୍ରୀଲ ଭାଙ୍ଗି ଘର ଭିତରେ ପଶିଥିଲେ। ଗଡରେଜ୍ ଆଲମିରା ଭାଙ୍ଗି ସେମାନେ ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଘରେ କୃପାସିନ୍ଧୁଙ୍କ ଘରେ ପଶି ତାଙ୍କ ଆଲମିରା ଭାଙ୍ଗିବା ବେଳ ପରିବାର ଲୋକେ ଉଠିପଡ଼ିଥିଲେ। ଫଳରେ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଦୁଇଟି ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା, ରୂପା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।

## ଅପରାଜିତାଙ୍କୁ ବିପୁଳ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୪।୬ (ନି.ପ୍ର.): ନିଖିଳ ଓଡିଶା କର୍ମଚାରୀ ସ୍ୱାସ୍ଥ୍ୟବୀମା ହିତାଧିକାରୀ ମହାସଂଘ ଓ ନୀଳାଦ୍ରି ବିହାର ବାସିନ୍ଦାଙ୍କ ତରଫରୁ ନବ ନିର୍ବାଚିତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆଜି ନୀଳାଦ୍ରି ବିହାର ଶିଶୁ ବିଦ୍ୟାମନ୍ଦିର ଠାରେ ଉପାଦକ୍ଷ ପବିତ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇ ସାଂସଦ ଅପରାଜିତା ଷଡଙ୍ଗୀ ପ୍ରଥମେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଲୋକ ସେବା କରିବାପାଇଁ ପଦପଦବୀର ଆବଶ୍ୟକତା ନାହିଁ, ଦୃଢ଼ ଇଚ୍ଛା ଶକ୍ତି, ସଂକଳ୍ପ, କାମ କରିବାର ସ୍ପୃହା ରହିଲେ ଜଣେ ଭଲ ସେବକ ହୋଇପାରିବ । ମୁଁ ନେତା ନୁହେଁ ସେବୀକା । ଆଗାମୀ ଦିନରେ ଭୁବନେଶ୍ୱର ସାସଦୀୟ କ୍ଷେତ୍ରରେ ଆମ୍ଭେ ସମସ୍ତେ ମିଳିମିଶି କାମ କରିବା । ଇଏସ୍ଆଇ ମହାସଂଘର ସାଧାରଣ ସଂପାଦକ ନନ୍ଦ କିଶୋର ସାହୁ ବନ୍ଦ ହୋଇଥିବା ମେଡିକାଲ କଲେଜକୁ ଚାଲୁ କରିବା ଓ ବିଭିନ୍ନ ଜନହିତକର କାର୍ଯ୍ୟକୁ ଚାଲୁ କରିବା ପାଇଁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ବୁଦ୍ଧପାର୍କ ଠାରେ ଉଦୟନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ବିଭିନ୍ନ ଅନୁଷ୍ଠାନର ମୁଖ୍ୟ ଓ ବ୍ୟକ୍ତି ବିଶେଷଙ୍କୁ ସାଂସଦଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ।

## ରାଜ୍ୟସ୍ତରୀୟ ପୋଷ୍ୟଗ୍ରହଣ ନିୟମାବଳୀ, ୨୦୧୭ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪/୬: ଆଇନଗତ ପୋଷ୍ୟଗ୍ରହଣ ଜରିଆରେ ହିଁ ପ୍ରତ୍ୟେକ ଶିଶୁକୁ ପରିବାର ଯୋଗାଇ ଦିଆଯାଇ ପାରିବ ବୋଲି ଆଜି ଭୁବନେଶ୍ୱର ପାନ୍ଥନିବାସଠାରେ ଆୟୋଜିତ ଏକ ଦିବସୀୟ ରାଜ୍ୟସ୍ତରୀୟ ପୋଷ୍ୟଗ୍ରହଣ ନିୟମାବଳୀ, ୨୦୧୭ ତାଲିମ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । କେନ୍ଦ୍ରୀୟ ପୋଷ୍ୟଗ୍ରହଣ ସମ୍ବଳ କର୍ତ୍ତୃପକ୍ଷ, ନୂଆଦିଲ୍ଲୀ ପୃଷ୍ଠପୋଷକତାରେ ଏହି ତାଲିମ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଅଧୀନ ରାଜ୍ୟ ପୋଷ୍ୟଗ୍ରହଣ ସଂଯୋଜନା ସଂସ୍ଥା ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୦ଟି ଜିଲ୍ଲାରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ, ରାଜ୍ୟରେ ଥିବା ୨୮ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ପ୍ରଦାନ ସଂସ୍ଥାର ପରିଚାଳକମାନେ ଯୋଗ ଦେଇଥିବାବେଳେ ୟୁନିସେଫ୍, ରାଜ୍ୟ ଚିକିତ୍ସକ ସଂଘ ଓ ଶିଶୁରୋଗ ବିଶେଷଜ୍ଞ ସଂଘର ପ୍ରତିନିଧିଗଣ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜମଙ୍ଗଳ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶକ ରେଘୁ ଜି ଓ ରାଜ୍ୟ ଶିଶୁ ମଙ୍ଗଳ ପରିଷଦର ସଦସ୍ୟ ସଚିବ କ୍ୱାମାର ସୁଲ୍‌ତାନା ବେଗମ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଲେ ଯେ ପରିବାରଟିଏ ପାଇବା ପ୍ରତ୍ୟେକ ଶିଶୁର ଅଧିକାର । ଏଥି ନିମନ୍ତେ ସମସ୍ତେ ଉଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପାଳନ କରିବା ପାଇଁ ସେ ଅନୁରୋଧ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜମଙ୍ଗଳ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦେଶକ ରେଘୁ ଜି ପୋଷ୍ୟଗ୍ରହଣ ସଂପର୍କରେ ଅଧିକରୁ ଅଧିକ ଆଲୋଚନାର ଆବଶ୍ୟକତା ସଂପର୍କରେ ଗୁରୁତ୍ୱରୋପ କରିଥିବାବେଳେ ସାମାନ୍ୟ ବୟସ୍କ ପରିତ୍ୟକ୍ତ ଓ ସମର୍ପିତ ଶିଶୁମାନଙ୍କର ପୋଷ୍ୟସଂଖ୍ୟା ବୃଦ୍ଧି ପାଇଁ ଧ୍ୟାନ ଆକର୍ଷଣ କରିଥିଲେ । ପ୍ରାରମ୍ଭରେ ବିଭାଗୀୟ ଯୁଗ୍ମ ସଚିବ ତଥା ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ଅତିରିକ୍ତ ନିର୍ଦ୍ଦେଶକ ରେଗା ଗୀତାରାଣୀ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପୋଷ୍ୟ ଗ୍ରହଣ ଓ ପ୍ରଦାନର ପ୍ରକ୍ରିୟାକୁ ଅଧିକରୁ ଅଧିକ ସଦୁପଯୋଗ କରିବା ପାଇଁ ସମସ୍ତ ଦିଗକୁ ଧ୍ୟାନଦେବା ସହିତ ନିୟମାବଳୀର ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲେ ।




## ଇଣ୍ଡିଆନ୍ ଅଏଲ କ୍ରିକେଟ କାର୍ଣ୍ଣିଭାଲ ୨୦୧୯




ଭୁବନେଶ୍ୱର,୪.୬.୨୦୧୯: ପେଟ୍ରୋଲିୟମ ଇନ୍ଧନରେ ଦେଶର ବୃହତ୍ତମ ବିକ୍ରେତା ଇଣ୍ଡିଆନ୍ ଅଏଲ ପକ୍ଷରୁ ଦେଶବ୍ୟାପୀ ବିଶାଳ ବିକ୍ରି ପ୍ରଚାର ଅଭିଯାନ 'କ୍ରିକେଟ୍ କାର୍ଣ୍ଣିଭାଲ' ଶୁଭାରମ୍ଭ କରାଯାଇଛି । ବିଶ୍ୱକପ୍ କ୍ରିକେଟ୍ ମାନିଆ ସହ ତାଳ ଦେଇ ଏହି କ୍ରିକେଟ କାର-ନିଭାଲ ୨୦୧୯ ଆରମ୍ଭ କରାଯାଇଛି। ସମଗ୍ର ଦେଶର ଇଣ୍ଡିଆନ୍ ଅଏଲର ସମ୍ପୂର୍ଣ୍ଣ ନେଟ୍‌ୱର୍କ ପ୍ରାୟ ୨୭,୦୦୦ ରିଟେଲ ଷ୍ଟେସନ ଏହି ଅଭିଯାନରେ ଭାଗ ନେଇଛନ୍ତି । ଏହି କ୍ରିକେଟ କାର୍-ନିଭାଲ ଜେନେରାଲ ମ୍ୟାନେଜର (ଆଇ/ସି) (ରିଟେଲ ସେଲ୍ସ), ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ, ଶ୍ରୀ କୁମାର ଜ୍ୟୋତି ଚୌଧୁରୀଙ୍କ ଦ୍ୱାରା ମେସର୍ସ ଭାମରା ସର୍ଭିସ ଷ୍ଟେସନ, ନୟାପଲ୍ଲୀ, ଭୁବନେଶ୍ୱରଠାରେ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି। ସମଗ୍ର ଦେଶରେ ଜୁନ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ କାର୍-ନିଭାଲ ପରି ଏକ ବୃହତ୍ତ ଯୋଜନା ୧୫ ଜୁଲାଇ ୨୦୧୯ ପର୍ଯ୍ୟନ୍ତ ୬ ସପ୍ତାହ ବ୍ୟାପୀ ଚାଲୁ ରହିବ । ପ୍ରତି ୧୫ ଦିନ ଶେଷରେ, ଗ୍ରାହକମାନେ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇପାରିବେ । ଅଭିଯାନ ଶେଷରେ ୧୫ ଜୁଲାଇ ୨୦୧୯ରେ , ବମ୍ପର ପୁରସ୍କାର ନିମନ୍ତେ ଲକି ଡ୍ର' ର ଆୟୋଜନ କରାଯାଇଛି ଏବଂ ଯୋଗ୍ୟ ଗ୍ରାହକଙ୍କୁ କାର୍ ବା ମୋଟର ବାଇକ ଜିତିବାର ସୁଯୋଗ ମିଳିବ ।

## ଓଏନ୍‌ଜିସି ସର୍ବାଧିକ ଲାଭକରୀ ପିଏସ୍‌ୟୁ




ନୂଆଦିଲ୍ଲୀ, ୪।୬: ଭାରତର ସର୍ବବୃହତ୍ ତୈଳ ଏବଂ ଗ୍ୟାସ୍ ଉତ୍ପାଦନକାରୀ ଉଦ୍ୟୋଗ ଅଏଲ ଆଣ୍ଡ ନାଚୁରାଲ୍ ଗ୍ୟାସ୍ କର୍ପୋରେସନ୍(ଓଏନ୍‌ଜିସି) ପୁଣି ଥରେ ଏହାର ସ୍ଥିତି ବଜାୟ ରଖିବାକୁ ସକ୍ଷମ ହୋଇଛି। ରାଷ୍ଟ୍ରାୟତ ତୈଳ ବିପଣନକାରୀ କମ୍ପାନୀ ଇଣ୍ଡିଆନ୍ ଅଏଲ କର୍ପୋରେସନ୍(ଆଇଓସି)କୁ ପଛରେ ପକାଇ ଓଏନ୍‌ଜିସି ପୁଣି ଥରେ ଭାରତର ସର୍ବବୃହତ୍ ରାଷ୍ଟ୍ରାୟତ ଲାଭକରୀ ଉଦ୍ୟୋଗ ଭାବେ ପ୍ରତିଷ୍ଠିତ ହୋଇପାରିଥିବା ଜଣାପଡ଼ିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଷ୍ଟକ୍ ଏକ୍ସଚେଞ୍ଜ ତାଲିକାଭୁକ୍ତ କମ୍ପାନୀମାନଙ୍କ ମଧ୍ୟରେ ଓଏନ୍‌ଜିସି ଏହି ଆର୍ଥିକ ବର୍ଷରେ ଏହାର ପୂର୍ବ ବର୍ଷ ତୁଳନାରେ ୩୪ ପ୍ରତିଶତ ଅଭିବୃଦ୍ଧିରେ ମୋଟ୨୬,୭୧୬ କୋଟି ଟଙ୍କା ଲାଭ କରିଥିବା ବେଳେ ଏହି ଅବଧିରେ ଆଇଓସିର ଲାଭ ପରିମାଣ ୧୭,୨୭୪ କୋଟି ରହିଥିଲା। ହେଲେ ଓଏନ୍‌ଜିସି ବିଗତ ଦୁଇ ଆର୍ଥିକ ବର୍ଷରେ ଆଇଓସି ଠାରୁ ପଛରେ ରହିଥିଲା ବେଳେ ସର୍ବାଧିକ ଲାଭ ଉଠାଇ ଆଇଓସି ଦେଶର ସବୁଠାରୁ ବଡ଼ ଲାଭକରୀ ରାଷ୍ଟ୍ରାୟତ ଉଦ୍ୟୋଗ ଭାବେ ମାନ୍ୟତା ଲାଭ କରିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଆଇଓସି'ର ମୋଟ ଲାଭ ପରିମାଣ ୨୧,୩୪୬ କୋଟି ଟଙ୍କା ରହିଥିଲା ବେଳେ ଏହି ବର୍ଷରେ ଓଏନ୍‌ଜିସିର ଲାଭ ୧୯,୯୪୫ କୋଟି ଟଙ୍କା ରହିଥିଲା। ହେଲେ ୨୦୧୮-୧୯ ଆର୍ଥିକ ବର୍ଷରେ ତୈଳ ଉତ୍ପାଦନ କ୍ଷେତ୍ରରେ ଦେଖାଯାଇଥିବା କେତେକ ସମସ୍ୟା ଏବଂ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଯୋଗୁଁ ଆଇଓସି ସର୍ବବୃହତ ଆୟକାରୀ କମ୍ପାନୀ ଭାବେ ନିଜ ସ୍ଥିତି ବଜାୟ ରଖିପାରିନଥିବା ବେଳେ ଏହି ସ୍ଥାନ ମୁକେଶ ଅମ୍ବାନୀ ଗ୍ରୁପ୍ ପରିଚାଳିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧିକାର କରିନେଇଥିବା ଜଣାପଡ଼ିଛି। ଏହି କାରଣରୁ ରିଲାଏନ୍ସ କମ୍ପାନୀ ବିଗତ ୪ ବର୍ଷ ଧରି ଭାରତର ସବୁଠାରୁ ଉତମ ଲାଭକରୀ ଘରୋଇ ଉଦ୍ୟୋଗ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ପ୍ରାୟ ୧୦ ବର୍ଷ ତଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଆକାର ଭାରତୀୟ ଆଇଓସି ତୁଳନାରେ ଅଧାରୁ କମ୍ ରହିଥିଲା ବେଳେ ଏହି ସମୟ ମଧ୍ୟରେ ଏହା ଅତୁଳନୀୟ ବୃଦ୍ଧି ହାସଲ କରିପାରିଛି। ବିଗତ ଦିନମାନଙ୍କରେ ଏହି କମ୍ପାନୀ ଟେଲିକମ୍, ରିଟେଲ୍, ଡିଜିଟାଲ୍ ସେବା ଏବଂ ଅନ୍ୟ କେତେକ ପ୍ରମୁଖ କ୍ଷେତ୍ରରେ ପ୍ରବେଶ କରି ଏହାର ବ୍ୟବସାୟକୁ ଦ୍ରୁତ ସଂପ୍ରସାରଣ କରିପାରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି କମ୍ପାନୀର ମୋଟ ଆୟ ୬.୨୩ ଲକ୍ଷ କୋଟି ଟଙ୍କା ରହିଥିଲା ବେଳେ ଆଇଓସି ଆୟ ପରିମାଣ ୬.୧୭ କୋଟି ଟଙ୍କା ରହିଥିଲା। ଏହାଛଡ଼ା କମ୍ପାନୀର ଲାଭ ପରିମାଣ ମଧ୍ୟ ୩୯,୫୮୮ କୋଟି ଟଙ୍କା ରହିଥିବା ବେଳେ ବାର୍ଷିକ ଆୟ, ଲାଭ ଏବଂ ବଜାର ପୁଞ୍ଜି ଦୃଷ୍ଟିରୁ ଏହା ଭାରତର ସର୍ବବୃହତ କମ୍ପାନୀ ଭାବେ ବର୍ତ୍ତମାନ ପ୍ରତିଷ୍ଠାଲାଭ କରିପାରିଛି ବୋଲି ଜଣାପଡ଼ିଛି। ୨୦୧୮-୧୯ ବର୍ଷରେ ତୈଳ ରିଫାଇନିଂ କ୍ଷେତ୍ରରେ ରିଲାଏନ୍ସ କମ୍ପାନୀ ସର୍ବାଧିକ ଆୟ କରିଥିବା ବେଳେ ୨୦୧୦ ରୁ ୨୦୧୯ ମଧ୍ୟରେ ଏକ୍ଷେତ୍ରରେ ଚକ୍ରବୃଦ୍ଧି ହାର ଆଧାରରେ ୧୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବା ଜଣାପଡ଼ିଛି।

## ବେଦାନ୍ତ ଲିମିଟେଡ ପକ୍ଷରୁ ଲାଞ୍ଜିଗଡ଼ରେ 'ତମ୍ବାଖୁ ବର୍ଜନ ଅଭିଯାନ'

ଲାଞ୍ଜିଗଡ଼, ୪।୬ (ନି.ପ୍ର.): ବେଦାନ୍ତ ଲାଞ୍ଜିଗଡ଼ ଲିମିଟେଡ ଏବଂ ଗ୍ରାମବାସିଙ୍କ ମିଳିତ ସହଯୋଗରେ କାଳାହାଣ୍ଡିର ଲାଞ୍ଜିଗଡ଼ରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଅବସରରେ ତମ୍ବାଖୁ ବିସର୍ଜନ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସହଯୋଗୀ ଅଂଶୀଦାର ଯୋଗଦେଇଥିଲେ। ତମ୍ବାଖୁଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ସଚେତନତା ସୃଷ୍ଟି କରୁଥିବା ସଂସ୍ଥା ତଥା ବ୍ୟକ୍ତି ବିଶେଷଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାନିଗାଁଠାରେ ତମ୍ବାଖୁ ବିସର୍ଜନ ଅଭିଯାନରେ ୧୦୦ରୁ ଅଧିକ ଗ୍ରାମବାସୀ ସାମିଲ୍ ହୋଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତମ୍ବାଖୁ ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାଠାରୁ କିଭଳି ଦୂରେଇ ରହିହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ତମ୍ବାଖୁ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ପାଇଁ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ ୟୁନିଟ୍‌ର ସହଯୋଗୀ ଅଂଶୀଦାର ରାୟସିଂ ମାଝି, ଅମିୟଲାଲ ମଣ୍ଡଳ ଏବଂ ପରିମଳ ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ର ପ୍ରାଦ୍ୟୋଗିକ ନିର୍ଦ୍ଦେଶକ ଫିଲିପ୍ କ୍ୟାମ୍ପବେଲ୍ କହିଲେ, ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେ ଏନେଇ ସଚେତନ ହେବାର ଆବଶ୍ୟକତା ରହିଛି। ଧୂମପାନରୁ ପ୍ରକୃତ ପକ୍ଷେ କୌଣସି ଉପକାର ମିଳି ନ ଥାଏ। ଧୂମପାନର ଖରାପ ପ୍ରଭାବ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏହାଠାରୁ ଦୂରେଇ ରହିଲେ ଆମର ବିଶେଷ ଉପକାର ସାଧନ ହେବ।" ଏହି ଅବସରରେ ବେଦାନ୍ତ ପକ୍ଷରୁ ବାନିଗାଁଠାରେ ଆୟୋଜିତ ତମ୍ବାଖୁ ବିସର୍ଜନ ଅଭିଯାନରେ ଲାଞ୍ଜିଗଡ଼ ଗ୍ରାମପଂଚାୟତ ସରପଂଚ ସୁଶ୍ରୀ ମଣି ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତମ୍ବାଖୁର ଖରାପ ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ଏହାଠାରୁ ଦୂରେଇ ରହିବା ତଥା ବର୍ଜନ କରିବାକୁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷ ତମ୍ବାଖୁ ଏବଂ ଫୁସଫୁସ କର୍କଟ ଶୀର୍ଷକକୁ ନେଇ ଡାକ୍ତରମାନଙ୍କ ଦ୍ୱାରା ଏହାର ଖରାପ ପ୍ରଭାବ ସମ୍ପର୍କରେ ଅବଗତ କରାଯାଉଥିବା ତଥ୍ୟକୁ ଉପସ୍ଥାପନ କରାଯାଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କେବଳ ତମ୍ବାଖୁ ବ୍ୟବହାରକାରୀ ନୁହଁନ୍ତି ଏହାର ପ୍ରଭାବ ସେମାନଙ୍କର ପରିବାର ସଦସ୍ୟଙ୍କ ଉପରେ ମଧ୍ୟ ଅନୁଭୂତ ହୋଇଥାଏ ବୋଲି ସଚେତନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ ୟୁନିଟ୍ ପ୍ରାଦ୍ୟୋଗିକ ନିର୍ଦ୍ଦେଶକ ଫିଲିପ୍ କ୍ୟାମ୍ପବେଲ୍, କମର୍ସିଆଲ ମୁଖ୍ୟ ଅନୀଲ ରାୟ, ଏକ୍ସପାନସନ୍ ପ୍ରୋଜେକ୍ଟ ଜେନେରାଲ ମ୍ୟାନେଜର ସୁନୀଲ କୁମାର ସିଂ, ମୁଖ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରମିତ୍ ସେହରା, ବେଦାନ୍ତ ହସ୍ପିଟାଲ ମେଡିକାଲ ଅଫିସର ଡାକ୍ତର ସୁନୀଲ ତରାଇ ଏବଂ ବେଦାନ୍ତର କର୍ମଚାରୀମାନେ ଉପସ୍ଥିତ ଥିଲେ।




Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra

ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**